### କାର୍ଯ୍ୟବନ୍ଦ ଆନ୍ଦୋଳନରେ ପ୍ରାଣୀ ଚିକିତ୍ସକ

# କୁକୁର ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଲେ ଲୋକେ



**ବାଲେଶ୍ୱର, ୬।୨(ସମିସ):** ବିଭିନ୍ନ ଦାବି ନେଇ ଓଡ଼ିଶା ପ୍ରାଣୀଚିକିତ୍ସା ସେବା ସଂଘ ଡାକରାରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ପ୍ରାଣୀଚିକିତ୍ସକମାନେ ଗତ ମାସ୧୮ ତାରିଖ ଠାରୁ ସମୂହ ଛୁଟିରେ ରହି କାର୍ଯ୍ୟାଳୟ ସମ୍ମୁଖରେ ବସିଛନ୍ତି। ଏହାରି ମଧ୍ୟରେ ଆଜିକୁ ୨୦ଦିନ ହେବ କାର୍ଯ୍ୟ ବନ୍ଦ ରହିଛି। ତେବେ ଏହି ଘଟଣା ପରେ ଏବେ ଘରେ ପାଳିଥିବା ଗୃହପାଳିତ ପଶୁମାନଙ୍କ ଅବସ୍ଥା ଖରାପ ହେବାରେ ଲାଗିଲାଣି। ସେମାନଙ୍କର ଚିକିତ୍ସା ଅଭାବ ହେତୁ ସ୍ୱାସ୍ଥ୍ୟବସ୍ଥା ଧୀରେଧୀରେ ଖରାପ ହେବାକୁ ଲାଗିଛି। ଲୋକ କୁକୁର ଠାରୁ ଆରମ୍ଭ କରି ବିଭିନ୍ନ ପଶୁପକ୍ଷୀମାନଙ୍କ ଚିକିତ୍ସା କରାଇପାରୁ ନାହାନ୍ତି। ଏଣୁ ଆଜି ସ୍ଥାନୀୟ ଲୋକେ ସେମାନଙ୍କ ଗୃହପାଳିତ ପଶୁମାନଙ୍କୁ ଧରି ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଆସି ସେମାନଙ୍କ ପଶୁମାନଙ୍କ ଚିକିତ୍ସା ପାଇଁ ଦାବି କରିଥିଲେ। ଏ ନେଇ ଜିଲ୍ଲାପାଳ ଏହି ସମସ୍ୟାର ଖୁବ ଶିଘ୍ର ସମାଧାନ କରାଯିବା ସହ କିପରି ଗୃହପାଳିତ ପଶୁମାନଙ୍କର ଚିକିତ୍ସା କରାଯିବ ସେ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ବାଲେଶ୍ୱରରେ ୩୬ଜଣ ଭେଟନାରୀ ଡାକ୍ତର ଏହି ଛୁଟିରେ ରହିଛନ୍ତି। ଫଳରେ ଜିଲ୍ଲାରେ ପ୍ରାଣି ଚିକିତ୍ସା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ସେମାନଙ୍କ ପକ୍ଷରୁ କରାଯାଇଥିବା ଦାବି ଅନୁସାରେ, ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଯଥା୨୪ଘଣ୍ଟା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀମାନଙ୍କ ସ୍ଥାନାନ୍ତରଣ ସୁବିଧା, ନିଶୁଳ୍କ ସେବା ସହ ଓଡ଼ିଶାର ପ୍ରାଣିଚିକିତ୍ସକମାନଙ୍କୁ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀଚିକିତ୍ସକ ମାନଙ୍କ ସହ ସମାନ ପଦୋନ୍ନତି, ପ୍ରାଣିଚିକିତ୍ସକମାନଙ୍କ ହାରରେ ଏନପିଏ ପ୍ରଦାନ, ରାଜ୍ୟରେ ପ୍ରାଣିଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି ସାଙ୍ଗକୁ ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ଆଦି ଦାବି କରାଯାଇଛି।

## ବନ୍ୟାଜଳରୁ ଉଦ୍ଧାର ପାଇଁ ଟେବୁଲ ଟପ୍ ଏକ୍ସରସାଇଜ୍

**ବାଲେଶ୍ୱର, ୬।୨(ସମିସ):** ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଏନଡ଼ିଆରଏଫର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ଏକ ଟେବୁଲ ଟପ ମକ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ବନ୍ୟାଜଳ ବିପଦକୁ ମୁକାବିଲା କରିବା ପାଇଁ ଆସନ୍ତା ୭ ତାରିଖରେ ବାଲେଶ୍ୱର ଜିଲ୍ଲାର ବଲିଘାଟ ଠାରେ ଏକ ମକ ଏକ୍ସରସାଇଜ କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇ ଏହି ପଦକ୍ଷେପକୁ ସଠିକ ଭାବେ ଶିକ୍ଷଣୀୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନାଙ୍କ ସମେତ ଏନଡ଼ିଆରଏଫ, ଓଡ୍ରାଫ, ଅଗ୍ନିସମ ବାହିନୀ, ପୁଲିସ, ସ୍ୱାସ୍ଥ୍ୟ, ବିଦ୍ୟୁତ, ସୂଚନା ଓ ଲୋକ ସମ୍ପର୍କ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ଆଦି ବିଭାଗୀୟ ଅଧିକାରୀ, ଓସ୍ମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟୀ ବିଶ୍ୱାଳ, ସମ୍ପର୍କ ଏନଜିଓ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

# ଏକ୍ସପୋ ଓଡ଼ିଶାରେ ୨୦ କୋଟିର ବେପାର

**ବାଲେଶ୍ୱର, ୬।୨(ସମିସ)**



ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ସଂସ୍ଥା, ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ(ନୋସି)ର ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ(ବିସିଆଇସି) ପକ୍ଷରୁ ଜାତୀୟସ୍ତରୀୟ ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା 'ଏକ୍ସପୋ ଓଡ଼ିଶା- ୨୦୨୪' ଜାନୁଆରୀ ୩୦ ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ୬ ଦିନ ବ୍ୟାପି ଆୟୋଜିତ ହୋଇଯାଇଛି। ରବିବାର ଦିନ ଏହି ମେଳା ଉଦଯାପିତ ହୋଇଛି। ଏହି ୬ ଦିନ ବ୍ୟାପି ମେଳାରେ ପ୍ରାୟ ୨୦ କୋଟି ଟଙ୍କାର ବ୍ୟବସାୟ ହୋଇଛି। ବିଶେଷକରି କରି ଖାଦ୍ୟ ଓ ଗାଡିରେ ସର୍ବାଧିକ ବେପାର ହୋଇଥିବା ସୂଚନା ମିଳିଛି। ମେଳାରେ ହୋଟେଲ ବ୍ୟବସାୟ ଏବଂ ଦୁଇ ଚକିଆ, ଚାରି ଚକିଆ ଏବଂ ଚାଷ ଉପକରଣ ଗାଡ଼ି ଅଧିକ ବିକ୍ରି ହୋଇଛି। ଅର୍ଥାତ୍ ହୋଟେଲ ଓ ଗାଡ଼ି ବୁକିଂ ବ୍ୟବସାୟ ଅଧିକ ହୋଇଛି। ସେହିଭଳି ୬ ଦିନିଆ ମେଳାରେ ଲକ୍ଷାଧିକ ଲୋକ ବୁଲିଛନ୍ତି। ବିଶେଷକରି ଶନିବାର ଓ ରବିବାର ସର୍ବାଧିକ ଲୋକ ମେଳାରେ ବୁଲିଛନ୍ତି। ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଏହି ମେଳାରେ ପ୍ରତିଦିନ ୨୦ରୁ ୩୦ ହଜାର ଲୋକ ମେଳାରେ ବୁଲିବା ବେଳେ ଶନିବାର ଦିନ ପ୍ରାୟ ୫୦ ହଜାର ଓ ରବିବାର ଦିନ ୫୦ ହଜାର ଲୋକ ମେଳାରେ ବୁଲିଛନ୍ତି। ମେଳାରେ ୩୨୦ଟି ଷ୍ଟଲ୍ ଖୋଲିଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଅଡିସନ ମଧ୍ୟ ନିଆଯାଇଥିଲା। ପ୍ରତିଦିନ ମେଳାରେ ଆକର୍ଷଣୀୟ ନୃତ୍ୟ ପରିବେଷିତ ହେଉଥିଲା। ଏଥିସହ ଷ୍ଟାର୍ ନାଇଟ୍‌ରେ ଦର୍ଶକ ମଜ୍ଜା ଉଠାଇଥିଲେ। ଜିଲ୍ଲାର ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ହାତତିଆରି ସାମଗ୍ରୀର ଷ୍ଟଲ୍‌ରେ ବେଶି ଭିଡ଼ ଜମିଥିଲା।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ



**ବାଲେଶ୍ୱର, ୬।୨(ସମିସ):** ଜିଲ୍ଲା ପ୍ରଶାସନ ସହଯୋଗରେ ଫକୀରମୋହନ ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଜିଲ୍ଲାସ୍ତରୀୟ ଉଦ୍‌ଯାପନୀ ଉତ୍ସବ ଅବସରରେ ଏକ ଭାଷାଭିତ୍ତିକ ଆଲୋଚନାଚକ୍ର 'ଭାଷା ହିଁ ଭବିଷ୍ୟତ' ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶାନ୍ତିକାନନଠାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ପୌରାଧ୍ୟକ୍ଷା ସବିତା ସାହୁ ମୁଖ୍ୟଅତିଥି, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା, ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ବରେଣ୍ୟ ଅତିଥି ଓ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ଭବିଷ୍ୟତ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିବା ସହ ଏହାକୁ ତୁଣ୍ଡ ଓ ଦାଣ୍ଡର ଭାଷା କରାଗଲେ ତାହାର ଉନ୍ନତି ସାଧିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଭାଷା ସମ୍ପର୍କିତ ସଙ୍ଗୀତକୁ ସ୍ନିଗ୍ଧା ସାମନ୍ତରାୟ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ଶାନ୍ତି ବିଶି ଓ ପୁଷ୍ପଲତା ଚକ୍ରବର୍ତ୍ତୀ ଗାନ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବାବେଳେ କଲ୍ୟାଣୀ ନନ୍ଦ ମଞ୍ଚ ଆବାହନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ପ୍ରଦୀପ ଚାଟାର୍ଜୀ, ତପନ ରାୟ, ନିରଞ୍ଜନ ରାଉତ, ଅରୁଣା ରାୟ, ସଞ୍ଜୟ କୁମାର ପଣ୍ଡା, ନିବାରଣ ଜେନା, ଡ. ସନ୍ତୋଷ କୁମାର ନାୟକ, ରଞ୍ଜନ ବାଗ୍, ଜ୍ୟୋତ୍ସ୍ନା ରାୟ, ଦିଲ୍ଲୀପ ଚକ୍ରବର୍ତ୍ତୀ, ପ୍ରଭାକର ସାହୁ, ବାସନ୍ତୀ କର, କୃଷ୍ଣା ପ୍ରଧାନ, ଡ. ରତ୍ନାକର ସିଂହ, ପୀତାମ୍ବର ବେହେରା, ମନ୍ମଥ ସାହୁ, କମଳାକାନ୍ତ ନାୟକ, ଅବନ୍ତୀ ପ୍ରଧାନ, ମାମିନା ମହାପାତ୍ର, ବେଣୁଧର ସାହୁ, ମମତା ଦାସ, ସଙ୍ଗୀତା ବାରିକ, ରାମକୃଷ୍ଣ ପତି, ମଧୁସୂଦନ ମାଝୀ, ପଦ୍ମଲୋଚନ ଦତ୍ତ, ହିମାଂଶୁ ଦାସ, ପ୍ରୀତିଲେଖା ଦାସ, ଦିଲ୍ଲୀପ ଚକ୍ରବର୍ତ୍ତୀ ଓ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ବିକ୍ଷୋଭ




**ବାଲେଶ୍ୱର, ୬।୨(ସମିସ):** ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଶହଶହ ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲା ଶ୍ରମ ଅଫିସର ଶିବନାରାୟଣ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟରେ ଡିଏଲସି ନିଯୁକ୍ତି ଓ ଖାଲି ପଡ଼ିଥିବା ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। କର୍ମଚାରୀ ଅଭାବରୁ ନିର୍ମାଣ ଶ୍ରମିକମାନଙ୍କ ପଞ୍ଜୀକରଣ ଓ ସହାୟତା ରାଶି ପ୍ରଦାନରେ ବର୍ଷବର୍ଷ ଧରି ବିଳମ୍ବ ହେଉଛି। ପଞ୍ଜିକରଣ ପ୍ରମାଣପତ୍ରର ବାର୍ଷିକ ନବୀକରଣ ସଠିକ ସମୟରେ କରାଯାଇପାରୁ ନାହିଁ। ଶ୍ରମିକମାନଙ୍କ ପାଇଁ ପ୍ରଣିତ ଶ୍ରମ ଆଇନ ଓ ଶିଳ୍ପ ସମ୍ପର୍କ ଆଇନଗୁଡ଼ିକ କାର୍ଯ୍ୟକାରୀ ହେଉ ନଥିବା ସଂସ୍ଥା ଗୁଡ଼ିକର ମଧ୍ୟ ଦୀର୍ଘବର୍ଷ ଧରି ତଦନ୍ତ ହେଉନାହିଁ। ଅବସର ପରେ ଗ୍ରାଚ୍ୟୁଇଟି ଓ କାର୍ଯ୍ୟରତ ଶ୍ରମିକମାନଙ୍କୁ କ୍ଷତିପୂରଣ ମୋକଦ୍ଦମା ଗୁଡ଼ିକ ବିଚାର ନ ହୋଇ ଦୀର୍ଘବର୍ଷ ଧରି ପଡ଼ି ରହିଥିବା ସମ୍ପର୍କରେ ଶ୍ରମିକନେତାମାନେ ବିକ୍ଷୋଭ ସମାବେଶରେ ପ୍ରକାଶ କରିଛନ୍ତି। ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟିୟୁଏସିସିର ନେତୃତ୍ୱରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ସଙ୍ଗଠନ ପକ୍ଷରୁ ଶହଶହ ଶ୍ରମଜୀବୀ ନରନାରୀ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମାବେଶରେ ଟିୟୁଏସିସିର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶର କାରଣ ଓ ଶ୍ରମ ବିଭାଗର ଅପାରଗତା ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଏଆଇଟିୟୁସିରୁ ଭାଗବତ ପ୍ରତିହାରୀ, ସିଆଇଟିୟୁରୁ ବିଜୟ ପାତ୍ର, ଟିୟୁସିସିରୁ ସର୍ବେଶ୍ୱର ମିଶ୍ର, ଏଚଏମଏସରୁ ପୀତାମ୍ବର ମାଝୀ, ଏଆଇସିସିଟିୟୁରୁ ଉମାକାନ୍ତ ଦାସ, ଆଇଏନଟିୟୁସିରୁ ଜୟନ୍ତୀ ତପସୀ, ସମବାୟ ବ୍ୟାଙ୍କ କର୍ମଚାରୀ ନେତା ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଯଦି ଆସନ୍ତା ୧୫ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ ନହୁଏ ତେବେ ଆସନ୍ତା୨୨ତାରିଖ ଦିନ ଜିଲ୍ଲା ଶ୍ରମଦପ୍ତରକୁ ଅଚଳ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ବିକ୍ଷୋଭ ସମାବେଶ ପରେ ଉଠାଜଳ ସେଚନ କର୍ମଚାରୀ ଭବନରେ ଆସନ୍ତା୧୬ତାରିଖ ସର୍ବଭାରତୀୟ ଶିଳ୍ପ ଓ ଗ୍ରାମୀଣ ଧର୍ମଘଟ ସମ୍ପର୍କରେ ଆୟୋଜିତ କନଭେନସନରେ ଏଆଇଟିୟୁସିର ରାଜ୍ୟ ନେତା ଜୟନ୍ତ ଦାସ ଅଗ।।ମୀ ଆନ୍ଦୋଳନର ଭିତିପତ୍ର ଉପସ୍ଥାପିତ କରିଥିଲେ। କୃଷକ ନେତା ସୀତାଂଶୁ ସେନାପତି, ବିଧାନ ଚନ୍ଦ୍ର ରାୟ ଓ ଶ୍ରମିକନେତା ଭାଗବତ ପ୍ରତିହାରୀ, ବିଜୟ ପାତ୍ର ପ୍ରମୁଖ କେନ୍ଦ୍ର ସରକାରଙ୍କ କୃଷକ ଶ୍ରମିକ ବିରୋଧୀ ନୀତିର ଦୃଢ଼ ସମାଲୋଚନା କରିଥିଲେ। ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଏହି କନଭେନସନରେ ଅଧକ୍ଷତା କରିଥିବା ବେଳେ ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ।

## ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ

**ବାଲେଶ୍ୱର, ୬।୨(ସମିସ):** ସ୍ଥାନୀୟ କିଲ୍ଲା ପୋଖରୀ ରୋଡସ୍ଥିତ ୟା ଅଲ୍ଲୀ ଜିମନାଷ୍ଟିକ କ୍ଲବର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଏହି ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଉକ୍ତ ଉତ୍ସବରେ କ୍ଲବର ସଭାପତି ସୁଧାଂସୁ ପଣ୍ଡା, ଉପସଭାପତି ସେଖ ଆଫସର ଉଦ୍ଦିନ, ସମ୍ପାଦକ ମୀର ଅବଦୁଲ ମଜିଦ, ସହ ସମ୍ପାଦକ ମହମ୍ମଦ ଜାଭେଦ, କୋଷାଧ୍ୟକ୍ଷ ସାଦିକ ଅଲ୍ଲୀ ଖାଁ, ବଡିବିଲଡିଙ୍ଗ ସଂଘର ସମ୍ପାଦକ ତରୁଣ ଚାଟାର୍ଜି, କ୍ଲବର ବରିଷ୍ଠ ସଭ୍ୟ ହାଜୀ ସେଖ ନୌସାଦ ଅଲ୍ଲି ପ୍ରମୁଖ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସେଖ ସୁଜାତ ଅଲ୍ଲୀ, ସେଖ ସହିଦ, ସେଖ ଅବଦୁଲ ସଏିମ, ପୂର୍ଣ୍ଣଚନ୍ଦ୍ର ଦତ, ମହମ୍ମଦ ସୌକାତ ଅଲ୍ଲି, ସେଖ ମହେରାଜ, ସେଖ ଭୋଲା, ଜାହାଙ୍ଗିର ଅଲ୍ଲୀ ଖାଁ, ସେକ ସାହିର ଅହମ୍ମଦ, ସେଖ ସମସୁଦ୍ଦିନ, ସେଖ ସରଫୁଦ୍ଦିନ, ସେଖ ରଫିକ ଅହମ୍ମଦ, ସେଖ ନାସିର ଉଦ୍ଦିନ, ସେକ ସୁରଜଙ୍କ ଅନ୍ୟମାନେ ସହଯୋଗ କରିଥିଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଅତ୍ୟାଧୁନିକ ପିଏସ୍‌ସିସି ଲୋକାର୍ପିତ



ବାଲେଶ୍ୱର, ୬।୨(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ବାଲେଶ୍ୱର କାଳୀମନ୍ଦିର ନିକଟସ୍ଥ ଅପସେନଏକ୍ସ କାର୍ଯ୍ୟ।ଳୟଠାରେ ଆଜି ଅତ୍ୟାଧୁନିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ପିଏସସିସି)ର ଲୋକାର୍ପଣ କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର ଏହାର ଉଦଘାଟନ କରିଛନ୍ତି। ଏହି ଅବସରରେ ସିଇଓ ସରକାର କହିଥିଲେ ଯେ ଅତ୍ୟାଧୁନିକ ଉଚ୍ଚ କ୍ଷମତାସମ୍ପର୍ଣ କଣ୍ଟ୍ରୋଲ ରୁମ ଟିପିଏନଓଡିଏଲ ଅଧିନସ୍ଥ ସମସ୍ତ ଗ୍ରୀଡଗୁଡ଼ିକ ଉପରେ ନଜର ରଖିବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକରଣ କରାଯାଉଛି। ଫଳରେ ବୈଷୟିକ ତ୍ରୁଟି ସଜାଡିବା ପ୍ରକ୍ରିୟା ସହଜ ହେବା ସହ ସମସ୍ୟାକୁ ତ୍ୱରିତ ସମାଧାନ କରାଯାଇ ପାରିବ। ଏଥି ସହ ୧୧ କେଭି ଓ ୩୩ କେଭି ଗ୍ରୀଡରେ ଲାଗିଥିବା ଟ୍ରାନ୍ସଫର୍ମରଗୁଡ଼ିକର ବୈଷୟିକ ତ୍ରୁଟିଗୁଡିକରେ ମଧ୍ୟ ସୁଧାର ଅଣାଯାଇ ପାରିବ। ଏହି କଣ୍ଟ୍ରୋଲ ରୁମରୁ ଟିପିଏନଓଡିଏଲ ବିତରଣ ଦାୟିତ୍ୱ ନେଇଥିବା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ବାରିପଦା ବୈଦ୍ୟୁତିକ କ୍ଷେତ୍ରର ସମସ୍ତ ଗ୍ରୀଡଗୁଡ଼ିକୁ ଅନଲାଇନ ମାଧ୍ୟମରେ ନିୟନ୍ତ୍ରଣ କରାଯିବ। ଫଳରେ ପାୱାର ଆଉଟେଜ କମିବ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଓ ସିଏସଆର ମୁଖ୍ୟ ପର୍ବିନ କୁମାର ବର୍ମା, ଚିଫ ଅପରେସନ ନୀଲେଶ ଚନ୍ଦ୍ରକାନ୍ତ ପୋଟଫଡେ, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀବଲ୍ଲଭ ସିଂ, ଆଇଟି ମୁଖ୍ୟ ରାଜୀବ ଗୋଏଲ, ପିଏସସିସି ମୁଖ୍ୟ କରୁଣାକର ଝା, ଲୋକ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଟିପିସିଓଡିଏଲ ସିଓଓ ଦ୍ୱିଜା ଦାସ ବସକ ଅତିଥି ଭାବେ ଯୋଗ ଦେଇଥିଲେ।

## ପୀତାମ୍ବର ସିଦ୍ଧ ମହାଶକ୍ତି ପୀଠର ବାର୍ଷିକ ଉତ୍ସବ

ବାଲେଶ୍ୱର, ୬।୨(ସମିସ): ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ସ୍ଥିତ ପିତାମ୍ବର ସିଦ୍ଧ ମହାଶକ୍ତି ପୀଠର ଦଶମ ବାର୍ଷିକୋତ୍ସବ ଓ ପୀଠର ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିବସ ସକାଳୁ ମା'ବଗଳାମୁଖୀ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପରେ ମା'ଙ୍କ ସମେତ ପୀଠରେ ପୂଜିତ ଅନ୍ୟ ଦେବଦେବୀଙ୍କ ଅଭିଷେକ ଓ ଅର୍ଚ୍ଚନ ସହିତ ତିନି ଦିନିଆ ଯଜ୍ଞ କର୍ମକାଣ୍ଡ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀପୁର ଶିବ ମନ୍ଦିର ପୋଖରୀରୁ ଉତ୍ତୋଳିତ ଘଟ ଏକ ଶୋଭାଯାତ୍ରାରେ ବଗଳାମୁଖୀ ମନ୍ଦିରରେ ପହଞ୍ଚିଥିଲା। ଘଟସ୍ଥାପନ ସହ ପ୍ରଥମ ଦିନରେ ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ ଓ ଯଜ୍ଞାହୁତି ପ୍ରଭୃତି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଆୟୋଜିତ ଅଖଣ୍ଡ ନାମ ସଙ୍କୀର୍ତ୍ତନରେ ବହୁ ଶ୍ରଦ୍ଧାଳୁ ଭାବଭକ୍ତି ସହ ମଜ୍ଜି ରହୁଥିବା ଲକ୍ଷ୍ୟ କରାଯାଇଛି। ପୀଠରେ ଚତୁର୍ଦ୍ଦଶୀ ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ଦୀପଦାନ କରିଥିଲେ। ଏହି ଅବସରରେ ମହାଶକ୍ତି ପୀଠ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉତ୍ସବର ଶେଷ ଦିନ ମା'ବଗଳାମୁଖୀଙ୍କ ଆବିର୍ଭାବ ଅର୍ଥାତ ଜନ୍ମୋତ୍ସବ ପାଳିତ ହେବ। ଏହି ଅବସରରେ ମା'ଙ୍କ ନିକଟରେ ୧୦୦୮ ପ୍ରକାର ବ୍ୟଞ୍ଜନ ସମ୍ବଳିତ ପ୍ରସାଦ ଅର୍ପଣ ନେଇ ବ୍ୟବସ୍ଥା ହୋଇଛି ବୋଲି ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜ ସୂଚନା ଦେଇଛନ୍ତି।

## ଡିଆରଡିଓ କେନ୍ଦ୍ରାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



**ବାଲେଶ୍ୱର, ୬।୨(ସମିସ):** ଡିଆରଡିଓ ଚାନ୍ଦିପୁର ପରିସରସ୍ଥ ପିଏକ୍ସଇ ପଡ଼ିଆରେ ଡିଆରଡିଓ କେନ୍ଦ୍ରାଞ୍ଚଳ କ୍ରିକେଟ ପ୍ରତିଯୋଗିତା-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଉଦଘାଟନୀ କାର୍ଯ୍ୟକ୍ରମ ପିଏକ୍ସଇ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ, ବୈଜ୍ଞାନିକ 'ଜି'ଙ୍କ ଦ୍ୱାରା, ଆୟୋଜନ ସମିତିର ଚେୟାରମ୍ୟାନ କର୍ଣ୍ଣେଲ ରାମଚନ୍ଦ୍ର କ୍ଷେତ୍ରୀଙ୍କ ଉପସ୍ଥିତିରେ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଡିଆରଡିଓ କେନ୍ଦ୍ରାଞ୍ଚଳ ଅଧିନସ୍ଥ ହାଇଦ୍ରାବାଦର ୬ଟି, ଜଗଦଲପୁର ଓ ବିଶାଖାପାଟଣାର ଗୋଟିଏ ଲେଖାଁଏ ତଥା ଚାନ୍ଦିପୁର ପରିସରର ଦୁଇଟି ପ୍ରୟୋଗଶାଳା ଭାଗ ନେଇଛନ୍ତି। ପଞ୍ଚଦିବସୀୟ ଏହି ପ୍ରତିଯୋଗିତାର ପ୍ରଥମ ତିନିଦିନ ଲିଗ୍ ମ୍ୟାଚ୍, ଚତୁର୍ଥ ଦିନ ସେମି ଫାଇନାଲ ତଥା ଅନ୍ତିମ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ

# ଖାଲି ପଡ଼ିଛି ଶିକ୍ଷକ ଓ କର୍ମଚାରୀ ପଦ

**ବାଲେଶ୍ୱର, ୬।୨ (ସମିସ)**



ପଦ ପୂରଣ ଓ ଭିତ୍ତିଭୂମି ବିକାଶ ପାଇଁ ଏଆଇଏସ୍‌ଏଫ୍‌ର ଦାବି

ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଫକୀରମୋହନ କନିଷ୍ଠ ମହାବାଦ୍ୟାଳୟରେ ଅଧକ୍ଷ ଓ ଉପାଧକ୍ଷ ପଦବୀରେ ସ୍ଥାୟୀ ନିଯୁକ୍ତ ଏବଂ ଖାଲି ପଡ଼ିଥିବା ପ୍ରାଣୀ ବିଜ୍ଞାନ ବିଭାଗରେ ୨ଜଣ, ଜୀବ ବିଜ୍ଞାନ ବିଭାଗରେ ୨ଜଣ, ପଦାର୍ଥ ବିଜ୍ଞାନ ବିଭାଗରେ ଜଣେ, ରସାୟନ ବିଜ୍ଞାନ ବିଭାଗରେ ଜଣେ, ଗଣିତ ବିଭାଗରେ ଜଣେ, ତର୍କ ଶାସ୍ତ୍ର ବିଭାଗରେ ଜଣେ ଅଧାପକଙ୍କ ପଦବି ସହ ଖାଲି ପଡ଼ିଥିବା ଆବଶ୍ୟକୀୟ ଲାଇବ୍ରେରିଆନ, ବିଜ୍ଞାନାଗାର ସହାୟକ, ଡେମୋନଷ୍ଟ୍ରେଟର ଓ ପିଅନ ପଦରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବି ଜୋର ଧରିଛି। ଏ ନେଇ ମଙ୍ଗଳବାର ଦିନ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଶାଖା କମିଟି ପକ୍ଷରୁ ଛାତ୍ରଛାତ୍ରୀମାନେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ରାଣାଙ୍କୁ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ୪ ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରିଛନ୍ତି। ମହାବିଦ୍ୟାଳୟର ଭିତ୍ତିଭୂମି କ୍ଷେତ୍ରରେ ଆବଶ୍ୟକୀୟ ଶ୍ରେଣୀ ଗୃହ, ବିଜ୍ଞାନାଗାର, ଇଣ୍ଡୋର ଗେମ୍ସ ଗୃହ, ଖେଳ ପଡ଼ିଆ ଇତ୍ୟାଦି ଯୋଗାଇ ଦେବାକୁ ଦାବି ହୋଇଛି। ମହାବିଦ୍ୟାଳୟ ପରିସରରେ ଉତ୍ତମ ଶୈକ୍ଷିକ ବାତାବରଣ, କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ତମ କ୍ରୀଡ଼ା ତାଲିମ ସହ ଅଭ୍ୟାସ ପାଇଁ ଉତ୍ତମ ଖେଳ ପଡ଼ିଆ ବ୍ୟବସ୍ଥା କରାଯାଉ। ଫକୀରମୋହନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଯଥେଷ୍ଟ ସ୍ଥାନ ନଥିବାରୁ ଛାତ୍ରଛାତ୍ରୀ ପରମିଟ୍ ପଡ଼ିଆ ଷ୍ଟାଡିୟମରେ ଅଭ୍ୟାସ କରନ୍ତି, ମାତ୍ର ପରମିଟ୍ ପଡ଼ିଆରେ ନିର୍ଦ୍ଦିଷ୍ଟ କୋଚଙ୍କ ଅଧୀନରେ ପଞ୍ଜିକୃତ ହୋଇନଥିଲେ ଖେଳ ଅଭ୍ୟାସ ପାଇଁ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଛାତ୍ରଛାତ୍ରୀ କେବଳ ଅଭ୍ୟାସରୁ ନୁହେଁ ପରନ୍ତୁ କୌଣସି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ଦିଆଯାଉନାହିଁ। ଏହି ଘଟଣାରେ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ସମାଧାନ କରିବାକୁ ଏଆଇଏସ୍‌ଏଫ୍ ପକ୍ଷରୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଏଆଇଏସ୍‌ଏଫ୍‌ର ଶାଖା ସମ୍ପାଦକ ସଞ୍ଜୟ ବେହେରା, ସହ ସମ୍ପାଦକ ଆଦିତ୍ୟ ମାଝୀ, ଅଭିଜିତ ପ୍ରଧାନ, ସତ୍ୟ ପ୍ରକାଶ ପାତ୍ର, ରାମ ଶଙ୍କର ସିଂହ, ସଞ୍ଜୟ ବେହେରା, ଚନ୍ଦନ ପରିଡ଼ା, ଜିତୁ ସିଂହ, ଶୁଭଙ୍କର ପ୍ରମୁଖ ଏହି ଦାବିପତ୍ର ଉପସ୍ଥାପନ କରିଥିଲେ। ଏହି ଦାବିପତ୍ର ନେଇ ଶାଖା ସଭାପତି ସର୍ବେଶ୍?ର ବିନ୍ଧାଣି, ଜ୍ୟୋତ୍ସ୍ନା ରାଣୀ ମହାରଣା, ଆସ୍ମିନ ଖିତୁନ, ରାଜଲକ୍ଷ୍ମୀ ମାଇତି, ସତ୍ୟ ପ୍ରକାଶ ପାତ୍ର, ରାଧାକୃଷ୍ଣ ପଟ୍ଟନାୟକ, ପ୍ରତିଲତା ପ୍ରଧାନ, ସାଇରାମ ପରିଡ଼ା, ନିର୍ମଳ ପ୍ରଧାନ, ଆଶିଷ ବେହେରା, ପୂଜାରାଣୀ ଜେନା, ଜ୍ୟୋତି ପ୍ରଭା ସାହୁ, ଦୀପସା ବାରିକ, ଜସ୍ମିନ ବେହେରା, ରଶ୍ମିତା ଦାସ, ଉଷାରାଣୀ ସିଂ, ବଜେନ ମାଝୀ, ରାହୁଳ ସାମନ୍ତ ଓ ଆଶୁତୋଷ ଜେନା ପ୍ରମୁଖ ଏହି ସମସ୍ୟା ସମାଧାନ ପାଇଁ ଛାତ୍ରଛାତ୍ରୀଙ୍କୁ ସଂଗଠିତ କରିଥିଲେ।

## ବିଦ୍ୟୁତ୍ ତାର ଚୋରି, ଦୁଇ ଗିରଫ

ସୋର, ୬।୨(ସମିସ) : ସୋର ଥାନା କୋଚିଆକୋଇଲି ଗ୍ରାମରୁ ଗତ ବର୍ଷ ହୋଇଥିବା ବିଦ୍ୟୁତ ତାର ଚୋରି ଘଟଣାରେ ସୋର ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତବର୍ଷ ମଇ ମାସ ୨୬ରେ ଗ୍ରାମରୁ ୧୧ କେଭି ବିଦ୍ୟୁତ ତାର ଚୋରି ହୋଇଥିଲା । ଏ ବାବଦରେ ବିଦ୍ୟୁତ ବିଭାଗ ତରଫରୁ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆଜି ଭୋର ସମୟରେ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ସୋର ଥାନା ବେଲପୁର ଗ୍ରାମର ଆଜମ ସାହା(୨୦) ଓ ସେଖ ସମନୁ(୨୦)କୁ ସୋର ପୁଲିସ ଗିରଫ କରି ଅପରାହ୍ଣରେ କୋର୍ଟ ଚାଲାଣ କରିଛି ।

## ୟୁଏନ୍ କଲେଜ ଦର୍ଶନ ବିଭାଗର ପାଠଚକ୍ର




ସୋର, ୬।୨(ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଦର୍ଶନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ସମସ୍ତ ବିଶ୍ୱର ଉତ୍ପତ୍ତି'ବ୍ରହ୍ମନ ସମ୍ବନ୍ଧୀୟ ଉପନିଷଦୀୟ ଧାରଣା' ଶୀର୍ଷକ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଏହି ପାଠଚକ୍ରରେ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଭାସ୍କର ଚନ୍ଦ୍ର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟପକ ପ୍ରଭାସ ଚନ୍ଦ୍ର ବିଶ୍ୱାଳ ଏବଂ କଲେଜ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦେ ଯୋଗଦେଇ ବେଦ, ବେଦାନ୍ତ ଉପନିଷଦ ସହିତ ବିଜ୍ଞାନର ଗଭୀର ସମ୍ବନ୍ଧ ଉପରେ ସୁବିସ୍ତୃତ ଆଲୋକପାତ କରିଥିଲେ । ବିଭାଗୀୟ ମୁଖ୍ୟ ଦୟାନିଧି ସୀଟ୍ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଅର୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ସଲମା ଖାତୁନ ବିଷୟବସ୍ତୁ ଉପସ୍ଥାପନା କରିଥିଲେ । ଅଧ୍ୟାପିକା ଦେବଶ୍ରୀ ପଣ୍ଡା ଏବଂ ଛାତ୍ରୀମାନେ ପରିଚାଳନା କରିଥିଲେ ।

## କମରପୁର ୟୁଜିୟୁପି ସ୍କୁଲର ବାର୍ଷିକ ଉତ୍ସବ



ସୋର, ୬।୨(ସମିସ): ସୋର ପୌରପରିଷଦ ଅନ୍ତର୍ଗତ କମରପୁର ୟୁଜି ୟୁପି ସ୍କୁଲର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପତିଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଆରସିସି ଦାଶରଥି ନାୟକ ଏବଂ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ ଯୋଗଦେଇ ଛାତ୍ରମାନଙ୍କ ଅଧ୍ୟବସାୟୀ ହେବା ସହିତ ଭଲ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏଲିମେଣ୍ଟାରୀ ଶିକ୍ଷକ ସଂଘ ସଭାପତି ମହେଶ୍ୱର ବେହେରା, ସମ୍ପାଦକ ରମାକାନ୍ତ ମହାନ୍ତି, କାଉନସିଲର ରୀନାରାଣୀ ସେଠୀ, ସ୍କୁଲ କମିଟି ସଭାପତି ବିଗନ ଗୁଇଁ, ସିଆରସିସି ସେକ୍ ଇମିତିୟାଜ ମହମ୍ମଦ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ମାନସ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଷମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ମଧୁସୂଦନ ରାଉତ ସଙ୍ଗୀତ ପରିଚାଳନା କରିଥିଲେ । ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ପ୍ରମିଳାବାଳା ଜେନା, ମଞ୍ଜୁଲତା ଜେନା, ସବିତା ଜେନା ଏବଂ ଅରୋଆଶିଷ ସାହୁ ପରିଚାଳନା କରିଥିଲେ ।

## ୧୩ତମ ରାଇବଣିଆ ମହୋତ୍ସବ

ଜଳେଶ୍ୱର ବ୍ଲକ, ୬।୨(ସମିସ): ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଠାରେ ୧୩ତମ ରାଇବଣିଆ ମହୋତ୍ସବ ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଆଜି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଇବଣିଆ ଦୁର୍ଗର ଇତିବୃତ୍ତ, ରାଇବଣିଆ ଅଞ୍ଚଳର ଲୁଚିରହିଥିବା ପ୍ରତିଭା ଅନ୍ୱେଷଣ ଏବଂ ଆଦିବାସୀ ଅଞ୍ଚଳର ସଂସ୍କୃତି ଓ ସ୍ଥାପତ୍ୟର ବିକାଶ ଲାଗି କହିଥିଲେ । ଏଥିରେ କେତେକ ମନ୍ତ୍ରୀ, ନେତା ଓ ପୂର୍ବତନ ବିଧାୟକ, ସାଂସଦ, ପ୍ରଶାସକ, ସାଧାରଣ ଲୋକଙ୍କୁ ନେଇ ମଞ୍ଚ ଅନୁଷ୍ଠିତ ହେବା ସହିତ ସ୍ଥାନୀୟ ଛାତ୍ରଛାତ୍ରୀଙ୍କର ସଙ୍ଗୀତ, ନାଚ, ପ୍ରତିଯୋଗିତା, ବିଜ୍ଞାନ ପ୍ରଦର୍ଶନୀ, ଫୁଟବଲ, ଭଲିବଲ ଖେଳ ସହିତ ବୋଲି ସମ୍ପର୍କରେ ସଭାପତି ଅନନ୍ତ କୁମାର ବିଶ୍ୱାଳ ସୂଚନା ଦେଇଥିଲେ । ରାଇବଣିଆ ମାଟିର କେତେକ ବିଜ୍ଞାନୀ, ଡାକ୍ତର, ଇଂଜିନୀୟର ଅନ୍ୟତ୍ର ରହିଥିବାରୁ ସେମାନେ ମଧ୍ୟ ଏଥିରେ ଭାଗ ନେବା ସମ୍ପର୍କରେ କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସ, ଉପସଭାପତି ନିଗମାନନ୍ଦ ଘୋଷ, ଯତିନ୍ଦ୍ରନାଥ ମହାନ୍ତି, ସୁକୁମାର ପ୍ରଧାନ, ଗୌରାଙ୍ଗ ମହାପାତ୍ର, କୁଞ୍ଜ ବିହାରୀ ଗିରି, ମାନସ ଦାସ ମହାପାତ୍ର, ମୁନିନ୍ଦ୍ର ଧର, ଅଜୟ ମହାନ୍ତି, ବଂଶୀଧର ବାରିକ, ସାଧାରଣ ସମ୍ପାଦକ ଦିଲ୍ଲିପ ସାମଲ, ସନ୍ଦିପ ନାରାୟଣ ଘୋଷ, ପ୍ରଦୀପ ଘୋଷ, ଆନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ମନ୍ମଥ ଖଟୁଆ, ବିନୟ ବେହେରା, ବସନ୍ତ ଘୋଷ, ପ୍ରଫୁଲ୍ଲ ସୁର ପ୍ରମୁଖ କହିଥିଲେ ।

# ବସ୍ ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

ବାହାନଗା, ୬।୨(ସମିସ) :



ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ବରଜଦେଉଳି - ତାଳପଦା ମୁଖ୍ୟ ରାସ୍ତାର ଭିଲ୍ଲା ନିକଟରେ ଏକ ଯାତ୍ରୀବାହୀ ବସ୍ ଏବଂ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୩ ଜଣ ବାଇକ ଆରୋହି ଗୁରୁତର ଆହତ ହୋଇ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ଖବର ଅନୁସାରେ ଆଜି ସକାଳ ପ୍ରାୟ ୭.୩୦ ସମୟରେ ବରଜଦେଉଳି ରୁ ବାଲେଶ୍ୱର ଅଭିମୁଖେ ଜଗାକାଳିଆ ନାମକ ଏକ ଏକ ଯାତ୍ରୀବାହୀ ବସ ଯାଉଥିଲା । ଏହି ସମୟରେ ତାଳପଦା ଅଞ୍ଚଳର ୩ ଜଣ ଯୁବକ ବାଇକ ଯୋଗେ ପକ୍କା କାମ ପାଇଁ ବରିପଦା ଅଭିମୁଖେ ଯାଉଥିଲେ । ଗୋପାଳପୁର ଥାନା ଭିଲ୍ଲା ନିକଟରେ ବାଇକ ସହ ବସ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକରେ ଥିବା ୩ ବାଇକ ଆରୋହୀ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ୩ ଜଣ ଗୁରୁତର ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଗୁରୁତର ବାଇକ ଆରୋହୀମାନେ ତାଳପଦା ଗ୍ରାମର ତୋଫାନ ଦାସ (୨୮), ରାଜୁରାମ ଦାସ (୨୬), ଜିତେନ୍ଦ୍ର ଗିରି (୩୦) । ପରେ ଗୁରୁତର ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ବାଲେଶ୍ୱର ସଦର ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଗୋପାଳପୁର ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଏବଂ ଯାତ୍ରୀବାହୀ ବସକୁ ଜବଦ କରି ଥାନାକୁ ଆଣିଥିବା ଜଣାପଡ଼ିଛି । ଖବର ଲେଖାହେବା ବେଳକୁ ଥାନାରେ ଗୁରୁତରଙ୍କ ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଗୋପାଳପୁର ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

## ବିବାହିତା ନାବାଳିକା ଉଦ୍ଧାର

ବଳରାମପୁର, ୬।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତର ଦେଭୋଗ ସ୍ନେହ ସାଗର ମେସରୁ ମଙ୍ଗଳବାର ପୂର୍ବାହ୍ନରେ ଜଣେ ବିବାହିତା ନାବାଳିକାକୁ ବାଲିଆପାଳ ପୁଲିସ ଉଦ୍ଧାର କରି ଥାନାକୁ ନେଇଥିବାର ସୂଚନା ମିଳିଛି । ବାଲିଆପାଳ ବ୍ଲକର ଜଣେ ନାବାଳିକାକୁ ପରିବାର ଲୋକଙ୍କ ସହମତିରେ ଜଣେ ଦଲାଲ କମ୍ପାରୀ ଗ୍ରାମର ଦାମୋଦର ଦଳାଇ ବିବାହ କରାଇ ଦେଇଥିଲେ । ଉଭୟ ବିବାହ କରି ସ୍ନେହସାଗର ମେସରେ ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳର ମହିଳା ମାନଙ୍କ ସହାୟତାରେ ପୁଲିସ ନାବାଳିକାକୁ ଉଦ୍ଧାର କରିବା ସହିତ ଦଲାଲ ଓ ନାବାଳିକାର ସ୍ୱାମୀକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି । କୁମ୍ପାରୀ ଗ୍ରାମର ଦାମୋଦର ପୂର୍ବରୁ ବିବାହ କରିଥିଲେ, କିନ୍ତୁ ତାଙ୍କର ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡି କୁଆଡେ ଚାଲିଯିବା ପରେ ସେ ସୋମବାର ଏହି ନାବାଳିକାକୁ ଦ୍ୱିତୀୟ ବିବାହ କରିଛନ୍ତି ବୋଲି କହିଛନ୍ତି । ମାତ୍ର ସ୍ଥାନୀୟ ଅଞ୍ଚଳର ମହିଳା ମାନେ କହନ୍ତି ନାବାଳିକା ଚୋରା ଚାଲାଣର ଏମାନେ ଜଣେ ଜଣେ ଏଜେଣ୍ଟ । ଗରିବ ବାପା ମାଆଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ନାବାଳିକା ମାନଙ୍କୁ ବିବାହ କରି ସୁଦୂର କଲିକତାକୁ ନେଇ ଅନୈତିକ କାର୍ଯ୍ୟରେ ଲଗାନ୍ତି । ଏହାର ସଠିକ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି ।

● ବାବା ଚନ୍ଦନେଶ୍ୱର ମନ୍ଦିର

## ମୁଣ୍ଡନ ପୋଖରୀର ପୁନରୁଦ୍ଧାର ଓ ପାଚେରି ନିର୍ମାଣ କାର୍ଯ୍ୟାରମ୍ଭ



ଚନ୍ଦନେଶ୍ୱର, ୬।୨(ସମିସ): ଭୋଗରାଇ ବ୍ଲକରେ ଅଧିଷ୍ଠିତ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ଠାରେ ବିଭିନ୍ନ ପ୍ରାନ୍ତରରୁ ବହୁ ମାନସିକଧାରୀ ତଥା ଶ୍ରଦ୍ଧାଳୁ ମାନେ ବିଭିନ୍ନ ସମୟରେ ମୁଣ୍ଡନ ହେବାପାଇଁ ଭିଡ଼ ଜମାଉ ଥିବା ଦେଖିବାକୁ ମିଳିଥାଏ । ମୁଣ୍ଡନ ହେବାପରେ ଭକ୍ତମାନେ ପୋଖରୀରେ ବୁଡ ପକାଇଥାନ୍ତି । ମାତ୍ର ମୁଣ୍ଡନ ପୋଖରୀ ଟି ଦୀର୍ଘ ଦିନ ଧରି ଆବର୍ଜନାରେ ପୋତିହୋଇ ଯିବା ସହିତ ଦୂଷିତ ପାଣିରେ ଶ୍ରଦ୍ଧାଳୁମାନେ ବୁଡ ପକାଇବାକୁ ବାଧ୍ୟ ହେଉଥିଲେ । ସେଥିପାଇଁ ମନ୍ଦିରର ମୌରସୀ ତପନ କୁମାର ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡା ସମେତ ସେବାୟତ ଓ ପୂଜାପଣ୍ଡା ମାନେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭୋଗରାଇ ଗସ୍ତରେ ଆସି ଉକ୍ତ ମନ୍ଦିରକୁ ଆସିଥିବା ବେଳେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ୧୭୫୦ ବର୍ଗ ମିଟର ପରିମିତ ଏହି ମୁଣ୍ଡନ ପୋଖରୀର ପୁନରୁଦ୍ଧାର, ମୁଣ୍ଡନ ମଣ୍ଡପ, ପାଚେରୀ, ଗାଡି ପାର୍କିଂ ଓ ପାର୍କ ଆଦି ପାଇଁ ୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ତେଣୁ ଏହି ଅର୍ଥ ରେ ଏସମସ୍ତ କାର୍ଯ୍ୟ ଆରମ୍ଭ କରାଯାଉଛି ବୋଲି ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଅନୀଲ କୁମାର ଦାସ ଓ ସୁପରଭାଇଜର ଦେବାନନ୍ଦ ଦାସ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟର ନିର୍ମାଣ ଭାର କଣ୍ଟ୍ରାକ୍ଟର ଜ୍ୟୋତିପ୍ରକାଶ ମହାନ୍ତି ନେଇଥିବା ସୂଚନା ମିଳିଛି ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଏକାଦଶତମ ବାର୍ଷିକ ଉତ୍ସବ

ବାଲେଶ୍ୱର/ଖଇରା, ୬।୨(ସମିସ): ଡୁଙ୍ଗୁରା ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ବିଦ୍ୟାର୍ଥୀକୁ ସଫଳତା ମାର୍ଗରେ ନେଇଥାଏ ବୋଲି ମୁଖ୍ୟଅତିଥି ତିହିଡି ବ୍ଲକର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସୂଦନ ସେଣ୍ଠ କହିଥିଲେ । ଅନୁଷ୍ଠାନ ସଭାପତି ଲକ୍ଷ୍ମୀଧର ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଓ ବିଶିଷ୍ଟ ସମାଜସେବୀ ଓ କଥାକାର ରଞ୍ଜନ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ବଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମହାପାତ୍ର, ଖଇରା ସଂକୁଳ ପ୍ରମୁଖ ଅକ୍ଷୟ କୁମାର ଜେନା, ଡୁଙ୍ଗୁରା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ଅଳକାରାଣୀ ଗିରି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ବେହେରା, ଅନୁଷ୍ଠାନ ସମ୍ପାଦକ ବିଷ୍ଣୁ ପ୍ରସାଦ ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ବୈକୁଣ୍ଠ ନାଥ ପଣ୍ଡା ବେଦପାଠ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ସବିତାରାଣୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁଜୀ ତ୍ରିଲୋଚନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପିଲାମାନଙ୍କ ଦ୍ୱାରା ନାଚ, ନାଟକ, ଗୀତ, ଏକକ ଅଭିନୟ, ଶିଶୁ ଗୀତ, ବ୍ୟାୟାମ ଉପରେ ସୁନ୍ଦର କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା ପ୍ରମୁଖ ପରିଚାଳନା କରିଥିଲେ ।



## ଆଟପୁର ବିଷ୍ଣୁମୋହନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରୌପ୍ୟ ଜୟନ୍ତୀ

ସୋର, ୬।୨(ସମିସ): ସୋର ବ୍ଲକ ଆଟପୁର ବିଷ୍ଣୁମୋହନ କ୍ରିକେଟ ଟୁର୍ଣ୍ଣମେଣ୍ଟର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି । ସାତଦିନ ବ୍ୟାପୀ ଏହି ଟୁର୍ଣ୍ଣାମେଣ୍ଟ ଲାଲବାହାଦୂର ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି କ୍ରିକେଟ ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳରେ ସାଇ ସ୍ପୋଟିଂ ଡୁଡ଼ିଗଡ଼ିଆକୁ ହରାଇ ମୁକ୍ତେଶ୍ୱର କ୍ଲବ ମହୁମୁହାଣ ଚାମ୍ପିଅନ ହୋଇଥିଲା । ଏହି ଖେଳରେ ଟସ ଜିଣି ମୁକ୍ତେଶ୍ୱର କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୪ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ସାଇ ସ୍ପୋଟିଂ ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୬୫ ରନ୍ କରି ପରାଜିତ ହୋଇଥିଲା । ମୁକ୍ତେଶ୍ୱର ଦଳର ଜଗବନ୍ଧୁ ନାୟକ ୪୮ ବଲରୁ ୧୦୫ ରନ୍ କରି ମ୍ୟାନ୍ ଅଫ ମ୍ୟାଚ୍ ହୋଇଥିବା ବେଳେ ଏହି ଟିମ୍‌ର ରାଜେଶ ଜେନା ମ୍ୟାନ୍ ଅଫ ଦି ସିରିଜ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଆମ୍ପାୟାର ଭାବେ ଅନୀଲ ପାଢ଼ୀ, ଅରୁଣ ବେହେରା ଓ ପ୍ରଶାନ୍ତ ବାରିକ ଦାୟିତ୍ୱ ତୁଲାଇଥିଲେ । ଏହି ଖେଳ ଆରମ୍ଭ ପ୍ରାରମ୍ଭରେ ଅବସରପ୍ରାପ୍ତ ଡିଏସ୍‌ପି ରବୀନ୍ଦ୍ର ଜେନା, ନଳିନୀ ମହାପାତ୍ର ଯୋଗଦେଇ ବୃକ୍ଷରୋପଣ କରି ଖେଳ ଶୁଭାରମ୍ଭ କରିଥିଲେ । ଅପରାହ୍ଣରେ ଖଗେନ୍ଦ୍ରନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ନେତା ସୁବ୍ରତ ଧଡ଼ା ଯୋଗଦେଇ ଚାମ୍ପିଅନ ଓ ରନର୍ସ ଦଳକୁ ଟ୍ରଫି ଓ ମୁଦ୍ରାରାଶି ପ୍ରଦାନ କରିଥିଲେ । ସମ୍ମନିତ ଅତିଥି ଭାବେ ସମିତି ସଭ୍ୟ ରମେଶ ନାୟକ ଯୋଗଦେଇଥିଲେ ।

### ଆମ ଓଡ଼ିଶା ନବୀନ ଓଡ଼ିଶା

## ପଞ୍ଚାୟତର ବିକାଶ ଉପରେ ଖୋଲା ଆଲୋଚନା



ଚନ୍ଦନେଶ୍ୱର, ୬।୨ (ସମିସ): ଭୋଗରାଇ ପଞ୍ଚାୟତ ସମିତି ଦ୍ୱାରା ଟୁକୁରୀହାଜିରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ପଞ୍ଚାୟତର ବିକାଶର ଧାରା ଉପରେ ଖୋଲା ଆଲୋଚନା ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁ ସଞ୍ଚାଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ୩୫ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, ସମାଜସେବୀ ଅଭିଜିତ ଦାସ ପ୍ରମୁଖ ଯୋଗ ଦେଇ କହିଲେ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହାକୁ ସାକାର କରିବାକୁ ପଞ୍ଚାୟତ ବାସୀ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ତେବେ ପଞ୍ଚାୟତ ବାସୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି । ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ୧୪ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୧୫୭୬ ପରିବାର ବିଜୁ ସ୍ୱାସ୍ଥ କଲ୍ୟାଣ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇ ୯୭ ହିତାଧିକାରୀ ଉପକୃତ ହେବା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ୧ଟି ପ୍ରକଳ୍ପ ପାଇଁ ୪ ଲକ୍ଷ ଟଙ୍କା, ୨୨୮ ପରିବାର କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ସାମାଜିକ ସୁରକ୍ଷା ପାଇଁ ୪୮୧ ହିତାଧିକାରୀଙ୍କୁ ଭତ୍ତା, ୬୨ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ମୋଟ ୨ କୋଟି ୧୭ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ୧୫୭୬ ପରିବାରଙ୍କୁ ରେସନ୍ କାର୍ଡ଼, ମମତା ଯୋଜନାରେ ୧୦୪ଗର୍ଭବତୀ ମହିଳାଙ୍କୁ ମମତା ସହାୟତା, ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକାରଣ, ଲକ୍ଷ୍ମୀ ଯୋଜନା ମାଧ୍ୟମରେ ପଞ୍ଚାୟତରେ ୧୫.୧୨.୨୦୨୩ ରୁ ଲକ୍ଷ୍ମୀ ବସ ସେବା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ, ମାଁ ନାଇକାଣୀ ମନ୍ଦିର, ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ, ବହୁମୁଖି ବାତ୍ୟା ଆଶ୍ରୟସ୍ଥଳ, ୫-ଟି ଅନ୍ତର୍ଗତ ଫୁଲବଣୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶୌଚାଳୟ, ଫୁଲବଣୀ ଦୁର୍ଗାପୂଜାମଣ୍ଡପର ଉନ୍ନତି କରଣ ଆଦି ବିଷୟରେ ଖୋଲାଖୋଲି ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏକ ହଜାରରୁ ଅଧିକ ପଞ୍ଚାୟତ ବାସୀ ଯୋଗଦେଇଥିବା ବେଳେ ଅତିଥି ପରିଚୟ କୃଷକ ସାଥୀ ସୁଶାନ୍ତ ଗିରି ଓ ୱାର୍ଡ ସଦସ୍ୟ ସନାତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ଅବନୀ ଜେନା, ସୁଜିତ ଚନ୍ଦ, ହରେନ୍ଦ୍ର ପ୍ରାମାଣିକ ତଥା ଟୁକୁରୀହାଜିରା ଯୁବଶକ୍ତି ସଂଘ ସହଯୋଗ କରିଥିଲେ ।

### କମର୍ଦ୍ଦା ଚଣ୍ଡିମାତା ଜାଗରଣ ମହୋତ୍ସବ ଉଦ୍‌ଘାଟିତ

## ଶୃଙ୍ଖଳିତ ଓ ସଂସ୍କାରୀ ଯୁବ ଗୋଷ୍ଠୀ ଦେଶ ଗଠନର ମୁଖ୍ୟ ବିନ୍ଧାଣି

ଭୋଗରାଇ/ଦହମୁଣ୍ଡା, ୬।୨(ସମିସ) :



ଯୁବଶକ୍ତି ହେଉଛନ୍ତି ଦେଶର ମେରୁଦଣ୍ଡ । ସେମାନେ ଜାଗ୍ରତ ହେଲେ ଦେଶର ବିକାଶ ସମ୍ଭବ । ଶୃଙ୍ଖଳିତ ଓ ସଂସ୍କାରୀ ଯୁବ ଗୋଷ୍ଠୀ ଦେଶ ଗଠନରେ ମୁଖ୍ୟ ବିନ୍ଧାଣୀ ବୋଲି ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ସାହେବ ନଗର ପାଟଣା ଚଣ୍ଡୀମାତା ଜାଗରଣ ଉତ୍ସବର ଉଦଘାଟନୀ ସଭାରେ ମତପ୍ରକାଶ ପାଇଛି । ସାହେବ ନଗର ପାଟଣା ବଣିଆ ପୋଖରୀ ପଡ଼ିଆରେ ଆୟୋଜିତ ଏହି ଉତ୍ସବକୁ ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଦେବଭାଷା ବିକାଶ ପରିଷଦ ମହାସଚିବ ଡ. ସତୀଶ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପୂର୍ବତନ ଦେହୁର୍ଦ୍ଦା ସରପଞ୍ଚ ରମାକାନ୍ତ କରଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଭାବେ ବାରିପଦା ସଦର ଡାକ୍ତରଖାନାର ପ୍ରାକ୍ତନ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମଥ କୁମାର ଭୂୟାଁ, ବିଶିଷ୍ଟ ବକ୍ତା ଭାବେ କମର୍ଦ୍ଦା ସୁରେନ୍ଦ୍ର ନାଥ ଜୁନିୟର କଲେଜର ଅଧ୍ୟାପକ ବିମଳ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ କସବା କମର୍ଦ୍ଦା ସରପଞ୍ଚ ଉମାକାନ୍ତ ପ୍ରଧାନ, ସମାଜସେବୀ ପୁଲିନ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବ କବି ମଳୟ କୁମାର ସୁର ମଞ୍ଚ ଆହ୍ୱାନ କରିଥିଲା ବେଳେ ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ଶିକ୍ଷକ ରତନ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଭୋଗରାଇ ଅଞ୍ଚଳର ୪ ଜଣ ସାମ୍ବାଦିକଙ୍କୁ ଉତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତି ସନ୍ଧ୍ୟାରେ ଅତ୍ୟାଧୁନିକ ମୀନାବଜାର ଓ ମେଳାର ସୁସଜ୍ଜିତ ଆଲୋକମାଳା ଓ ବିଭିନ୍ନ ଖ୍ୟାତନାମା କଳାକାର ମାନଙ୍କ ମେଲୋଡି କାର୍ଯ୍ୟକ୍ରମ ସହିତ ଶ୍ରଦ୍ଧା କ୍ରିଏଟିଭ ଆର୍ଟସର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନାଟକ ମଞ୍ଚସ୍ଥ ହେବ ବୋଲି ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଉତ୍ସବ କମିଟିର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମଦନମୋହନ ଜୀଉ ତୁଳସୀ ଚଉରା ମେଳା ଉଦ୍‌ଘାଟିତ

ଭୋଗରାଇ, ୬।୨ (ସମିସ) : ଗାଁକୁ ଈଶ୍ୱର ସୃଷ୍ଟି କରିଥିଲା ବେଳେ ମଣିଷ ସହର ଗଢିଛି । ସହରୀ ଆଧୁନିକତାର ଚାକଚକ୍ୟରେ ବିମୋହିତ ହୋଇ ଗ୍ରାମାଞ୍ଚଳ ଯୁବକ ଯୁବତୀ ଆଜି ପଥଭ୍ରଷ୍ଟ ହେଉଛନ୍ତି । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଆଧ୍ୟାତ୍ମିକେ ଚେତନା ହିଁ ଅବକ୍ଷୟମୁଖୀ ମାନବ ସମାଜକୁ ରକ୍ଷା କରି ପାରିବ ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାଉଁଶଡିହା ହାଟ ପଡ଼ିଆ ଠାରେ ଅନୁଷ୍ଠିତ ଶ୍ରୀଶ୍ରୀ ମଦନ ମୋହନ ଜୀଉ ତୁଳସୀ ଚଉରା ମେଳାର ଉଦଘାଟନୀ ସନ୍ଧ୍ୟାରେ ମତପ୍ରକାଶ ପାଇଛି । ଶ୍ରୀଶ୍ରୀ ମଦନମୋହନ ଜୀଉ ତୁଳସୀ ଚଉରା ମେଳାର ଉଦଘାଟନୀ ସଭାରେ ଉତ୍ସବ କମିଟିର ସମ୍ପାଦକ ତଥା ଅବସରପ୍ରାପ୍ତ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଦୀନେଶ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ । ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଆଧ୍ୟାତ୍ମିକ ଚେତନା ମଣିଷକୁ ସଂସ୍କାରୀ କରେ ବୋଲି ମତବ୍ୟକ୍ତ କରିଥିଲେ । ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଧ୍ୟାତ୍ମିକ ଚେତନା ଗାଁ ରେ ରହିଥିଲା ବେଳେ ଏହା ମାନବତାର ସ୍ତରକୁ ଉନ୍ନତ କରେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଶ୍ୱପତି ପାତ୍ର ଓ ଉତ୍ସବ କମିଟିର ସଭାପତି ଗୋପୀମୋହନ ରାୟ ପ୍ରମୁଖ ଯୋଗ ଦେଇ ଯୁବଗୋଷ୍ଠୀଙ୍କୁ ଶୃଙ୍ଖଳିତ ହେବାକୁ ଆହ୍ୱାନ ଦେଇଥିଲେ । ଉତ୍ସବ କମିଟିର ସଦସ୍ୟ ତଥା କରୁଆଡି ବୈକୁଣ୍ଠନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗ୍ରନ୍ଥାଗାରୀକ ହୃଷିକେଶ ମହାନ୍ତି ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କମିଟିର ସଦସ୍ୟ ଶୈଳେଶ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସଭା ପରେ ସଙ୍ଗୀତ ସନ୍ଧ୍ୟା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ପ୍ରତି ବ୍ଲକ୍‌ରେ ନିର୍ମାଣ ହେବ ୨ଟି ସୋଲାର କୋଲ୍‌ଡ ରୁମ୍

## ଆବେଦନକାରୀଙ୍କୁ ମିଳିବ ୭୦ ପ୍ରତିଶତ ସବ୍‌ସିଡି

ବାଲେଶ୍ୱର, ୬।୨(ସମିସ):

ଜିଲ୍ଲାର ପ୍ରତି ବ୍ଲକରେ ନିର୍ମାଣ ହେବ ସୋଲାର୍ ଶୀତଳ ଗୃହ (ସୋଲାର୍ କୋଲଡ୍ ରୁମ୍) । ଏ ନେଇ ଜିଲ୍ଲା ଉଦ୍ୟାନ କୃଷି ବିଭାଗକୁ ଆସିଛି ଟାର୍ଗେଟ। ଏହି ଗୃହ ନିର୍ମାଣ କରିବାକୁ ଚାହୁଁଥିବା ଆବେଦନକାରୀଙ୍କୁ ସରକାରୀ ସ୍ତରରେ ମିଳିବ ୭୦ ପ୍ରତିଶତ ସବ୍‌ସିଡି। ହେଲେ ମିଳିଥିବା ସୂଚନା ଅନୁସାରେ ଏଯାଏଁ କେହି ଶୀତଳ ଗୃହ ନିର୍ମାଣ ପାଇଁ ଆବେଦନ କରିନାହାନ୍ତି।

ପ୍ରକାଶ ଥାଉକି, ବାଲେଶ୍ୱରରେ ଆବଶ୍ୟକ ମୁତାବକ ଶୀତଳ ଭଣ୍ଡାର ନଥିବାରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପନିପରିବାଠୁ ଆରମ୍ଭ କରି ଫଳ ସଂରକ୍ଷଣ କରି ରଖିବା ପାଇଁ ଜାଗା ପାଆନ୍ତି ନାହିଁ। ଫଳରେ ସେସବୁ ନଷ୍ଟ ହୁଏ ନ ହେଲେ ଅଭାବୀ ବିକ୍ରିର ଶିକାର ହୁଅନ୍ତି ଚାଷୀ। ଜିଲ୍ଲାରେ ଅଧିକ ଶୀତଳଭଣ୍ଡାର ହେଲେ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡ଼ିବନି। ସରକାରୀ ସ୍ତରରେ ଅଧିକ ଶୀତଳ ଭଣ୍ଡାର ନଥିବାରୁ ବର୍ଷ ବର୍ଷ ଧରି ଚାଷୀମାନେ ହଇରାଣ ହେଉଛନ୍ତି। ନହେଲେ ସ୍ଥାନୀୟ ବଜାରରେ କମ୍ ଦରରେ ବାଲେଶ୍ୱରର ଚାଷୀ ପନିପରିବା, ଫଳ ବିକ୍ରି କରିବାକୁ ବାଧ ହେଉଛନ୍ତି। ତେବେ ସରକାରୀ ସ୍ତରରେ ଜିଲ୍ଲାରେ କେବଳ ଏବେ ଗୋଟିଏ ଶୀତଳଭଣ୍ଡାର ରହିଛି। ଦହପଡ଼ା ନିକଟରେ ଏହି ଶୀତଳ ଭଣ୍ଡାର ରହିଛି। ଏହାବ୍ୟତୀତ ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆ ନିକଟରେ ପ୍ରାୟ ୫୦ ବର୍ଷ ପୁରୁଣା ଶୀତଳ ଭଣ୍ଡାର ରହିଛି। ଯାହା ବ୍ୟକ୍ତିଗତ ଭାବେ ନିର୍ମାଣ ହୋଇଛି। ଜିଲ୍ଲାରେ ଅଧିକ ଉତ୍ପାଦନ ହେଉଥିବା ଆଳୁ, ପନିପରିବା ଓ ଫଳ ରଖିବା ପାଇଁ ଅଧିକ ଶୀତଳଭଣ୍ଡାର ନାହିଁ। ଜିଲ୍ଲାରେ ଅଧିକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରୟାସ କରାଯାଉଥିବା କୁହାଯାଇଛି। ଏବର୍ଷ ଜିଲ୍ଲାରେ ସୋଲାର୍ ଶୀତଳ ଗୃହ ନିର୍ମାଣ ପାଇଁ ଟାର୍ଗେଟ ଆସିଛି। ପ୍ରତି ବ୍ଲକରେ ଦୁଇଟି ଲେଖାଏଁ ଗୃହ ନିର୍ମାଣ ହେବାର ଯୋଜନା ରହିଛି। ଗୋଟିଏ ସୋଲାର୍ ଶୀତଳ ଗୃହର କ୍ଷମତା ୧୦ ମେଟ୍ରିକ୍ ଟନ୍ ବିଶିଷ୍ଟ ରହିଛି। ଏହା ନିର୍ମାଣ କରିବାକୁ ଚାହୁଁଥିବା ଲୋକ ଆବେଦନ କରିପାରିବେ। ଏଥିପାଇଁ ସରକାରୀ ସ୍ତରରେ ସବ୍‌ସିଡି ବ୍ୟବସ୍ଥା ମଧ୍ୟ ରହିଛି। ଗୋଟିଏ ସୋଲାର୍ ଗୃହ ନିର୍ମାଣ ପାଇଁ ଆକଳନ ଟଙ୍କା ୧୫ ଲକ୍ଷ ରହିଥିବା ବେଳେ ଏଥିରୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସବ୍‌ସିଡି ଆକାରରେ ମିଳିବ। ଅର୍ଥାତ୍ ୭୦ ପ୍ରତିଶତ ସବ୍‌ସିଡି ବ୍ୟବସ୍ଥା ରହିଛି। ତେବେ ଏହିପରି ପ୍ରତି ବ୍ଲକରେ ଦୁଇଟି ସୋଲାର ଶୀତଳ ଗୃହ ନିର୍ମାଣ ହେଲେ ଚାଷୀମାନେ ନିଶ୍ଚୟ ଉପକୃତ ହୋଇପାରିବେ। ଏହି ଶୀତଳ ଗୃହ ବିଦ୍ୟୁତ ଖର୍ଚ୍ଚ ହ୍ରାସ କରିବା ସହ କମ୍ ଶକ୍ତି ବ୍ଲାକଆଉଟ୍ କରେ। ଏଥିସହିତ ଏହି ପରିବେଶ ଅନୁକୂଳ ମଧ୍ୟ। ସର୍ବନିମ୍ନ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗତ, ସୋଲାର୍ ଚାଳିତ ଷ୍ଟାଣ୍ଡାଲୋନ୍, କମ୍ ରକ୍ଷଣାବେକ୍ଷଣ ଏବଂ ସ୍ଥାୟୀ। ହେଲେ ଏପର୍ଯ୍ୟନ୍ତ ସୋଲାର୍ ଶୀତଳ ଗୃହ ନିର୍ମାଣ ପାଇଁ କରିନାହାଁନ୍ତି। ଯଦି କେହି ଆବେଦନ ନ କରନ୍ତି ଏହି ଶୀତଳ ଗୃହ ନିର୍ମାଣ ମଧ୍ୟ ହୋଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସହାୟତାର ହାତ ବଢ଼ାଇଲା ଦରଦୀ ବନ୍ଧୁ ଫାଉଣ୍ଡେସନ



ଖଇରା, ୬।୨ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରୁଗାଁ ଗ୍ରାମ ପଞ୍ଚାୟତ ନୂଆଗାଁବଡ଼ ଗ୍ରାମର ପ୍ରଶାନ୍ତ ମହାକୁଡ଼ ଏବଂ ଅନୁସୟା ମହାକୁଡ଼ଙ୍କ ପରିବାରର ତିନି ପ୍ରାଣୀ ଦାରିଦ୍ରତା ଭିତରେ ନିଜର ଭରଣପୋଷଣ କରୁଥିବା ବେଳେ ପରିବାର ଉପରେ ଚଡକ ପଡ଼ିଥିଲା। ଅନୁସୟା ମହାକୁଡ଼ଙ୍କର ଅକାଳ ବିୟୋଗ ଘଟିଥିଲା। ପରିବାରର ଆର୍ଥିକ ପରିସ୍ଥିତି ଖରାପ ଥିବା ବେଳେ ଅନୁସୟା ସୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ ସାଜିଥିଲା। ଖଇରା ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ଦରଦୀ ବନ୍ଧୁ ଫାଉଣ୍ଡେସନର କର୍ମକର୍ତ୍ତା ଜାଣିବା ପରେ ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ସଂଗଠନ ପ୍ରତିଷ୍ଠାତା ଗୀତି ରଞ୍ଜନ ବେହେରା, ସଭାପତି ଜ୍ୟୋତି ପ୍ରକାଶ ମହାପାତ୍ର, ସମ୍ପାଦକ ତୃପ୍ତିକାନ୍ତ ନାୟକ, ସହ ସମ୍ପାଦକ ମନୋଜ ଜେନା, କାର୍ଯ୍ୟକାରୀ ସଭାପତି ଭାବେ ପ୍ରିତମ ନାୟକ, କୋଷାଧ୍ୟକ୍ଷ ଭାବେ ହିମାଂଶୁ ନାୟକ, ସୌମ୍ୟ ରଞ୍ଜନ ନାୟକ, ମିଳନ ପତ୍ରି, ରାଜା ନାୟକ, ରଞ୍ଜନ ନାୟକ, ଅଜୟ ମହାନ୍ତି ପ୍ରମୁଖ ପହଁଚି ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହଯୋଗ କରିବା ସହିତ ଆଗକୁ ପରିବାର ସହିତ ସହଯୋଗ ରହିବା ନେଇ ସଂଗଠନ ପକ୍ଷରୁ ପ୍ରକାଶ କରିଛନ୍ତି।

# ଅଦା ଦର ଆକାଶଛୁଆଁ



## ରସୁଣ ପରେ ଅଦା ମୂଲ୍ୟ ବୃଦ୍ଧି

ଜଳେଶ୍ୱର ବ୍ଲକ, ୬।୨ (ସମିସ): ରସୁଣ ପରେ ଅଦା ଦର ବଢ଼ିବାରେ ଲାଇଛି। ଦର ବୃଦ୍ଧି ଏବେ ବଜାରରେ ଲାଗିଛି ନିଆଁ। ପ୍ରଥମେ ଟମାଟୋ, ପିଆଜ ଓ ରସୁଣ ଦର ବଢ଼ିଥିଲା ଆଉ ଏବେ ଅଦା ଦର ମୂଲ୍ୟ ବୃଦ୍ଧି ଯୋଗୁଁ ଖାଉଟିଙ୍କ ପକେଟ ଉପରେ ପ୍ରଭାବ ପକାଇଛି। ଓଡ଼ିଶାରେ ବମ୍ପର ଉତ୍ପାଦନ ସତ୍ତ୍ୱେ ଅଦା ମୂଲ୍ୟ ଆକାଶ ଛୁଆଁ ହୋଇଛି। ଯାହାକି ଜଳେଶ୍ୱରର ଖାଉଟି ମାନଙ୍କ ଉପରେ ପ୍ରଭାବ ପଡ଼ି ଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଜଳେଶ୍ୱର ବଜାରରେ ଅଦା ମୂଲ୍ୟ ୧୦୦ଟଙ୍କା ରୁ ୧୨୦ ଟଙ୍କା କିଲୋ ଗ୍ରାମକୁ ବୃଦ୍ଧି ପାଇଛି ଯାହା ଗ୍ରାହକଙ୍କ ପକେଟକୁ କ୍ଷତି ପହଞ୍ଚାଉଛି। ଅଧିକ ମୂଲ୍ୟ ହେତୁ ଅନେକ ଲୋକ ଅଦା କିଣିବା ବନ୍ଦ କରି ଦେଉଥିବା ଦେଖିବାକୁ ମିଳିଛି। ଜଳେଶ୍ୱର ବଜାରର ବ୍ୟବସାୟୀ ମାନଙ୍କ କହିବା ମୁତାବକ ହଠାତ୍ ଅଦା ମୂଲ୍ୟରେ ବୃଦ୍ଧି ଘଟିଛି। କାରଣ ମଧ୍ୟସ୍ଥମାନେ ତଥା ଦଲାଲ କୁହାଯାଉ ଥିବା ବ୍ୟବସାୟୀ ଉତ୍ପାଦ ଗୁଡ଼ିକୁ ସ୍ଥାନୀୟ ଚାଷୀଙ୍କ ଠାରୁ ଭଲ ଦରରେ କିଣି ପଡୋଶୀ ରାଜ୍ୟକୁ ବହୁ ମୂଲ୍ୟରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଏହି କାରଣରୁ ସ୍ଥାନୀୟ ବଜାରରେ ଅଦାର ଅଭାବ ଦେଖା ଦେଇଛି, ଯାହାକି ଅଦାର ମୂଲ୍ୟ ବୃଦ୍ଧି ପାଇଲା। ଗତ ବର୍ଷ ତୁଳନାରେ ଏହାର ମୂଲ୍ୟ ଏ ବର୍ଷ ପ୍ରାୟ ଦ୍ୱିଗୁଣିତ ହୋଇଛି। କାରଣ ଅଦା ନିୟମିତ ଭାବେ ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ କେରଳ ରାଜ୍ୟକୁ ରପ୍ତାନି କରାଯାଉଛି ବୋଲି କେତେକ ବ୍ୟବସାୟୀ ସୂଚନା ଦେଇଛନ୍ତି। ଅଦା ଓଡ଼ିଶାର ନନ୍ଦପୁର, ଲାମଟାପୁଟ, ସେମିଲିଗୁଡା ଏବଂ ପୋଟାଙ୍ଗିର ପାହାଡ଼ ଅଞ୍ଚଳରେ ପ୍ରାୟ ୪୦୦୦ ଏକର ଜମିରେ ଚାଷ କରାଯାଏ। ଓଡ଼ିଶାରେ ରସୁଣ ମଧ୍ୟ ମହଙ୍ଗା ହୋଇଛି। ସାରା ରାଜ୍ୟରେ ରସୁଣର ହୋଲସେଲ ମୂଲ୍ୟ କିଲୋଗ୍ରାମ ପିଛା ୩୬୦ ରୁ ୩୭୦ ଟଙ୍କା ରେକର୍ଡ କରାଯାଇଛି। ରାଜ୍ୟରେ ରସୁଣର ଅଭାବ ହେତୁ ଗତ ଏକ ମାସରୁ ମୂଲ୍ୟ ବୃଦ୍ଧି ପାଇଛି ବୋଲି ବିକ୍ରେତା କହିଛନ୍ତି। ବ୍ୟବସାୟୀମାନେ କହିଛନ୍ତି ଯେ ଚାହିଦା ପୂରଣ କରିବା ପାଇଁ ସେମାନେ ଗୁଜରାଟ, ରାଜସ୍ଥାନ, ଉତ୍ତର ପ୍ରଦେଶ ଏବଂ ମଧ୍ୟ ପ୍ରଦେଶରୁ ରସୁଣ ଯୋଗାଉଛନ୍ତି। ତେବେ ଏହିଭଳି ଦର ବୃଦ୍ଧି ଖାଉଟିଙ୍କ ଅଶାନ୍ତିର କାରଣ ପାଲଟିଛି। ଖାଉଟି ମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ଧ୍ୟାନ ଦେଇ ଦରଦାମ ନିୟନ୍ତ୍ରଣ ହୋଇ ପାରିବ ବୋଲି ଖାଉଟି ଓ ବୁଦ୍ଧିଜୀବୀମାନେ କହିଛନ୍ତି।

## ଗୋପାଳନ ବିକାଶ କର୍ମଶାଳା

# ୨ ବ୍ଲକର ୩୩୨ ଗୋପାଳକଙ୍କୁ କେସିସି ଋଣ ବଣ୍ଟନ

ଭୋଗରାଇ, ୬।୨ (ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ କୃଷି ବିକାଶ ସମିତି ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବାହାର୍ଦ୍ଦାସ୍ଥିତ ଦରିଦ୍ର ନାରାୟଣ କୃଷକ ଉତ୍ପାଦକ ସଙ୍ଗଠନ ଲିମିଟେଡ ଆନୁକୂଲ୍ୟରେ ଏବଂ ନାବାର୍ଡ ସହଯୋଗରେ ମଙ୍ଗଳବାର ଏକ ବିଶାଳ ଗୋପାଳନ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକର କମର୍ଦ୍ଦା ଥାନା ଦୁଡପଳ ପଞ୍ଚାୟତ ଅନ୍ତର୍ଗତ ବାହାର୍ଦ୍ଦାଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ଭୋଗରାଇ ଓ ବାଲିଆପାଳ ବ୍ଲକ ଅଞ୍ଚଳର ୩୩୨ ଜଣ ଗୋପାଳକଙ୍କୁ ୨୮ ହଜାର ୬ ଶହ ଟଙ୍କା ଲେଖାଏଁ କେସିସି ଋଣ ପ୍ରଦାନ କରାଯାଇଛି। ଦରିଦ୍ର ନାରାୟଣ କୃଷକ ଉତ୍ପାଦକ ସଂଗଠନ ଲିମିଟେଡ ପରିସରରେ ଅନୁଷ୍ଠିତ ଏହି କର୍ମଶାଳାରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନାବାର୍ଡ ଓଡ଼ିଶା ରିଜଓନାଲ ସିଜିଏମ୍ ଡ. ସୁଧାଂଶୁ କେକେ ମିଶ୍ର, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଉପ ସଭାନେତ୍ରୀ ରଞ୍ଜିତା ସିଂହ, ନାବାର୍ଡ ଜେନେରାଲ ମ୍ୟାନେଜର ଏସ ଆର ପଣ୍ଡା, ଓଏସସିବି ଜିଏମ ଅଚ୍ୟୁତାନନ୍ଦ ପାତ୍ର, ଡିଆରସିଏସ ବାଲେଶ୍ୱର ଡିଭିଜନ ଗଜେନ୍ଦ୍ର ପଣ୍ଡା, ନାବାର୍ଡ ବାଲେଶ୍ୱର ଡିଡିଏମ ତାପସ ରଞ୍ଜନ ପ୍ରଧାନ, ବାଲେଶ୍ୱର ଏଲଡିଏମ ବିଶ୍ୱଜିତ ଶତପଥୀ, ବାଲେଶ୍ୱର ସିଡିଭିଓ ଡାକ୍ତର ରଞ୍ଜନ କୁମାର ଦାସ, ବାମୁଲ ଜିଏମ ରଶ୍ମିରେଖା ବିନ୍ଧାଣୀ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସିଇଓ ଅଶୋକ କୁମାର ଦାଶ ପ୍ରମୁଖ ଯୋଗ ଦେଇ ଗୋସମ୍ପଦର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହିତ ଗୋପାଳକଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଦୁଇରୁ ଅଧିକ ଗାଇ ପାଳନ କରୁଥିବା ଗୋପାଳକ ମାନଙ୍କୁ ପ୍ରଥମେ ବର୍ଷକ ପାଇଁ ବିନା ସୁଧରେ ୨୮ ହଜାର ୬ ଶହ ଟଙ୍କା ଋଣ ପ୍ରଦାନ କରାଯାଉଥିଲା ବେଳେ ଏହି ଋଣ ସଠିକ ଭାବେ ପରିଶୋଧ କରିବା ପରେ ପୁଣି ୩୫ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କେସିସି ଋଣ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଏଥିପାଇଁ ଦରିଦ୍ର ନାରାୟଣ କୃଷକ ଉତ୍ପାଦକ ସଂଗଠନ ସଦସ୍ୟ ହୋଇ ସଠିକ ଭାବେ ଆବେଦନ କଲେ ଗୋପାଳକ ମାନେ ଏହି ଯୋଜନାରେ ଉଚିତ ଲାଭ ପାଇପାରିବେ ବୋଲି କୁହାଯାଇଛି। ଏହାବାଦ ଭୋଗରାଇ ଓ ବାଲିଆପାଳ ବ୍ଲକ ଅନ୍ତର୍ଗତ ୨୫ ଟି ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ମାନେ ଏଥିରେ ଯୋଗ ଦେଇ ଚାଷୀ ମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଦରିଦ୍ର ନାରାୟଣ କୃଷକ ଉତ୍ପାଦକ ସଙ୍ଗଠନର ଚେୟାରମ୍ୟାନ ବ୍ରଜଗୋପାଳ ଦାସ ଅଧିକାରୀ, ବାଲିଆପାଳ ଶାଖା ମ୍ୟାନେଜର ଅରୁଣ ମାଇତି ଓ ନାରାୟଣ ମହାପାତ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଭୋଗରାଇ ଓ ବାଲିଆପାଳ ବ୍ଲକର ଦେଢ ହଜାରରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ପୁରୁଷ ଗୋପାଳକମାନେ ଏଥିରେ ଅଂଶଗ୍ରହଣ କରିଥିଲେ।




# କ୍ରିଷ୍ଣାଦେବୀ ହେଲେ 'ସୁନାବୋହୂ'



ଜଳେଶ୍ୱର ବ୍ଲକ, ୬।୨ (ସମିସ) : ଜଳେଶ୍ୱର ବଡ଼ ବଜାରସ୍ଥିତ ୨୦ ତମ ଜଳେଶ୍ୱର ମହୋତ୍ସବ ପକ୍ଷରୁ ଅଷ୍ଟମ ସନ୍ଧ୍ୟାରେ ପାର୍ବତୀ ଜୁଏଲାରୀ ର ପ୍ରଯୋଜକଙ୍କ ଦ୍ୱାରା ସୁନା ବୋହୂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ୨୫ ଜଣ ସୁନା ବୋହୂ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନେ ହେଲେ ଶର୍ମିଷ୍ଠା ଉଝା, ଲିପ୍ସା ପାଳ, ସସ୍ମିତା କରଣ, ସୁମିତ୍ରା ରାଣୀ ଭାଟ, କଳ୍ପନା ବେହେରା, ସଂଯୁକ୍ତା ନନ୍ଦୀ, ଲକ୍ଷ୍ମୀପ୍ରିୟା ଗିରି, ସସ୍ମିତା ବେହେରା, ସୀମା ରାଣୀ ଦାସ, କବିତା ପାଳ, କ୍ରିଷ୍ଣା ଦେବୀ ମାହାନା, ସନ୍ଧ୍ୟା ରାଣୀ କର, କିରଣମୟୀ ବାରିକ, ଶୁଭଲକ୍ଷ୍ମୀ ଜେନା, ନମିତା ଦାସ, ଝିରଦ୍ଧୀ ତନୟା ଦତ୍ତ, ପଦ୍ମା ଦାସ ମହାପାତ୍ର, ପାୟଲ ଭାଟ, ପ୍ରିୟଦର୍ଶିନୀ ସାମଲ, ଅନିତା ଦାସ, ସସ୍ମିତା ପଣ୍ଡା, ଶୁଭ ଦର୍ଶନୀ ବେହେରା, ଜୟନ୍ତି ମଲ୍ଲିକ, ଲିପ୍ସା ଦତ୍ତ ଓ ରୀମା ରାଣୀ ଜେନା। ସେମାନଙ୍କ ମଧ୍ୟରୁ କ୍ରିଷ୍ଣା ଦେବୀ ମାହାନା ପ୍ରଥମ ସୁନା ବୋହୂର ସ୍ଥାନ ଅଧିକାର କରି ସୁନା ଶଙ୍ଖା, ସୁମିତ୍ରା ରାଣୀ ଭାଟ ଦ୍ୱିତୀୟ ସୁନା ବୋହୂର ସ୍ଥାନ ଅଧିକାର ଓ ସସ୍ମିତା ଓଝା ତୃତୀୟ ସୁନା ବୋହୂର ସ୍ଥାନ ଅଧିକାର କରି ଉଭୟେ ସୁନା ପଲା ଏବଂ ୭ ଜଣ ସୁନା ବୋହୂଙ୍କୁ ସୁନାର ନାକ ଫୁଲ, ୧୫ ଜଣଙ୍କୁ ଶାନ୍ତ୍ୱନା ମୂଳକ ପୁରସ୍କାର ପାର୍ବତୀ ଜୁଏଲାରୀ ର ପ୍ରଯୋଜକ ମଣ୍ଟୁ ରଣା ପ୍ରଦାନ କରିଥିଲେ। ଶ୍ରୀ ରଣାଙ୍କୁ ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ଧନ୍ୟବାଦ୍ ଜଣାଇଛନ୍ତି।

# ଖଣି ଅଞ୍ଚଳ ପରିଦର୍ଶନ କଲେ ଉପଜିଲ୍ଲାପାଳ



ଖଇରା, ୬।୨ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅନ୍ତର୍ଗତ ଶାରିଶୁଆ ପାହଡର ବଗେଇପୁର ମୌଜାରେ ଚାଲିଥିବା ପଥର ଖଣିରେ ବେଆଇନ ବ୍ଲାଷ୍ଟିଂ ଯୋଗୁଁ ଘରଦ୍ୱାର ନଷ୍ଟ ହେଉଥିବା ନେଇ ବିକ୍ଷୋଭ ଓ ପ୍ରତିବାଦ ପରେ ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ରାଜେଶ ହିର୍କେ ମଙ୍ଗଳବାର ଉକ୍ତ ଖଣି ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଥମେ ବେଆଇନ ବ୍ଲାଷ୍ଟିଂ ଯୋଗୁଁ କ୍ଷତି ପହଞ୍ଚାଇଥିବା ୧୬ ନମ୍ବର ଖଣି ବୁଲି ଦେଖିବା ପରେ ୧୩, ୬୫ ଓ ୬୮ ନମ୍ବର ଖଣି ପରିଦର୍ଶନ କରିଥିଲେ। ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳ, ଜିଲା ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଘଟଣାକ୍ରମେ ଉପଜିଲାପାଳଙ୍କ ପରିଦର୍ଶନ କରୁଥିବା ଖବର ପାଇ ପାହାଡରେ ଚାଲିଥିବା ୬୦ରୁ ଉର୍ଦ୍ଧ୍ୱ ବେଆଇନ ଖଣି ମାଫିଆ ମାନେ ଖଣି କାର୍ଯ୍ୟକୁ ବନ୍ଦ ରଖିଥିଲେ। ସେହିଭଳି ସଂଧ୍ୟା ହେଲେ ପଶ୍ଚିମବଙ୍ଗରୁ ଆସୁଥିବା ହାଇୱା ଗୁଡିକ ଅଧିକାରୀଙ୍କ ଖଣି ଯାଞ୍ଚ ସମ୍ପର୍କରେ ଖବରପାଇ ରାସ୍ତାରେ ଅଟକି ରହିଛନ୍ତି। ଶାରିଶୁଆ ପାହାଡରେ ପାଖାପାଖି ୨୦ଟି ଖଣି ନିଲାମ ଦିଆଯାଇଥିବା ବେଳେ ୬୦ରୁ ଉର୍ଦ୍ଧ୍ୱ ଖଣି ବେଆଇନ ଭାବେ ଚାଲୁଥିବାର ଅଭିଯୋଗ ହୋଇଛି। ସେହିଭଳି ୱାଗଲ ଡ୍ରିଲ ବ୍ୟବହାର ନିଷିଦ୍ଧ ଥିବା ବେଳେ ଏବେ ପ୍ରାୟ ପ୍ରତ୍ୟେକ ଖଣିରେ ଏହି ମ୍ୟାସିନ ବ୍ୟବହୃତ ହେଉଛି ଯେଉଁଥିପାଇଁ ଶ୍ରମିକମାନେ ହାତବାନ୍ଧି ବସିରହିଛନ୍ତି।

# ଜଳିଗଲା ୩ ବଖରା



ଶ୍ରଦ୍ଧାପୁର/ଚନ୍ଦନେଶ୍ୱର, ୬।୨ (ସମିସ) : ଭୋଗରାଇ ବ୍ଲକ ଶଙ୍ଖାରୀ ପଞ୍ଚାୟତ ସେହି ଗ୍ରାମର ଗତକାଲି ରାତିରେ ସୁଶାନ୍ତ ଜେନାଙ୍କ ତିନି ବଖରା ଚାଳ ଘର ନିଆଁ ଲାଗି ଜଳି ପାଉଁଶ ହୋଇଯାଇଛି। ସୂଚନା ଯୋଗ୍ୟ ଗତକାଲି ବିଳମ୍ବିତ ରାତିରେ ଶ୍ରୀ ଜେନାଙ୍କ ଘରେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା। ସାହି ପଡ଼ିଶାର ପୁରୁଷ ଲୋକେ ଗାଁ ହାଟକୁ ଯାଇଥିବା ବେଳେ ନିଆଁ ଲାଗିଯାଇଥିଲା। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବର ପାଇ ଭୋଗରାଇ ଅଗ୍ନିଶମ ବାହିନୀ ବିଳମ୍ବରେ ପହଞ୍ଚି ଥିଲେ କିନ୍ତୁ ସେତେବେଳକୁ ସବୁ କିଛି ଜଳି ଭସ୍ମୀଭୁତ ହୋଇଯାଇଥିଲା। ନଗଦ ୧ ଲକ୍ଷ ୫ ହଜାର ଟଙ୍କା, ସୁନା ଗହଣା ପ୍ରାୟ ପାଞ୍ଚ ଛଅ ଭରି, ଚାଉଳ ୫୦ କିଲୋ, ଧାନ ପ୍ରାୟ ୨୦ କୁଇଣ୍ଟାଲ ଏବଂ ଘରର ଆସବାବପତ୍ର ଓ ବିଛଣା ପତ୍ର, ଘରର ଦରକାରୀ କାଗଜପତ୍ର ପୋଡି ନଷ୍ଟ ହୋଇଛି। ଏ ବାବଦରେ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିବା ଶ୍ରୀ ଜେନା ପ୍ରକାଶ କରିଛନ୍ତି। ତୁରନ୍ତ ସରକାରଙ୍କ ତରଫରୁ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଜଳେଶ୍ୱର ମହୋତ୍ସବର ୮ମ ସନ୍ଧ୍ୟା

# 'ଉତ୍ତମ ସଂସ୍କୃତିରୁ ଉତ୍ତମ ସଭ୍ୟତା ଜନ୍ମ ହୁଏ'

ଜଳେଶ୍ୱର ବ୍ଲକ, ୬।୨ (ସମିସ) :

ଜଳେଶ୍ୱର ମହୋତ୍ସବ ର ୮ମ ଦିବସରେ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ସୁବକ୍ତା ପ୍ରଫେସର ଡ. କୁମର ବର ଦାସ ମଞ୍ଚାସୀନ ହୋଇ ଅଭିଭାଷଣ ରଖିଥିଲେ। ସୋମବାର ମନୋରମ ସନ୍ଧ୍ୟାରେ ବରିଷ୍ଠ ଆଇନଜୀବୀ ନିତ୍ୟ ଗୋପାଳ ଦାସ ସଭାପତିତ୍ୱ ଆସନ ଅଳଙ୍କୃତ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲଳିତକଳା ଏକାଡେମୀର ପ୍ରାକ୍ତନ ଉପ ନିର୍ଦ୍ଦେଶକ ତଥା ପ୍ରସିଦ୍ଧ ଚିତ୍ର ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇ ଓଡ଼ିଶାର ଐତିହ୍ୟ କୀର୍ତ୍ତିରାଜି, କଳାବୈଭବ ଓ ଚିତ୍ରଶିଳ୍ପୀଙ୍କ ଦକ୍ଷତା ସମ୍ପର୍କରେ ଭାଷଣ ଦେଇଥିଲେ। ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ର ପରିକଳ୍ପନା (ଡିଜାଇନ୍) ଶ୍ରୀ ପ୍ରସାଦ ନିର୍ମାଣ କରିଥିଲେ। ଅତି କମନୀୟ ଏହି ସୁସଜ୍ଜିତ ମେଢ଼ ପ୍ୟାରେଡ୍ ରେ ପ୍ରଦର୍ଶିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଚିତ୍ତାକର୍ଷକ ପ୍ରଜ୍ଞାପନ ମେଢ଼(ଝାଙ୍କି) ଉତ୍କଳୀୟ ଐତିହ୍ୟ, କଳା ସଂସ୍କୃତି, ପରମ୍ପରା ର ବୈଭବମୟ ସମୃଦ୍ଧିକୁ ଉପସ୍ଥାପନ



ପୂର୍ବକ, ଶ୍ରେଷ୍ଠ ପୁରସ୍କାର ପାଇ ଥିବାର ଶିଳ୍ପୀ ତଥା ମୁଖ୍ୟ ଅତିଥି ଶ୍ରୀ ଗଜେନ୍ଦ୍ର ବଖାଣି ଥିଲେ। ମୁଖ୍ୟ ବକ୍ତା ଭାବେ ଫକିର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର କୁମରବର ଦାସ ତାଙ୍କର ଉପାଦେୟ ଭାଷଣରେ କହିଲେ-ଉତ୍ତମ ସଂସ୍କୃତିରୁ ଉତ୍ତମ ସଭ୍ୟତାର ଜନ୍ମ ହୁଏ। ଆମେ ସବୁ ବାପା ବୋଉର ପିଲା। ଡାଡି-ମମିର ନୁହଁ। ଆମେ ପୁଅ କମ ହ୍ୱାଇଁ ବେଶୀ। ଆମେ ମଙ୍ଗଳରେ ପହଞ୍ଚି ଯାଇ ପାରୁ, ମାତ୍ର ଜୀବନରେ ମଙ୍ଗଳ ଖୋଜିଲୁ ନାହିଁ। ସରଳ ହୁଅ, ସତ କୁହ, ମାଟି ସହିତ ଯୋଡି ରୁହ, ତେବେ ଯାଇ ଶାନ୍ତି ମିଳିବ।

ସରଳ, ସରସ, ସୁସ୍ଥ, ଶାନ୍ତି ଜୀବନ ସହିତ ଶୋଷଣ ମୁକ୍ତ, ଦୁର୍ନୀତି ମୁକ୍ତ, ନିଶା ମୁକ୍ତ, ଭୟ ମୁକ୍ତ, ପ୍ରେମ ଯୁକ୍ତ, ଆଦର୍ଶ ସମାଜ ଗଠନରେ ବ୍ରତୀ ହେବା ଲାଗି ଉପାଦେୟ ଭାଷଣ ରଖିଥିଲେ। ବରେଣ୍ୟ ଅତିଥି ଭାବେ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ ସାହୁ ଯୋଗ ଦେଇ ଓଡ଼ିଶା ରାଜ୍ୟ, କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟର ସମୃଦ୍ଧି କ୍ଷେତ୍ରରେ ଜଳେଶ୍ୱର ଓ ଭୋଗରାଇ ମାଟିର ଅନନ୍ୟ ଅବଦାନ ସମ୍ପର୍କରେ ଭାଷଣ ଦେଇଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଅମିତାଭ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମେଳାରେ ତହସିଲଦାର ସଞ୍ଜୟ ପଣ୍ଡା, ଶିଶିର ହୁଇ, ଦିଲ୍ଲୀପ ଗିରି, ଡଃ ଅଜିତ ମହାନ୍ତି, ଆଇନଜୀବୀ ଅନିଲ ପରିଡ଼ା, ସତ୍ୟ ସୁନ୍ଦର ଦାସ, ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, ଜିତାଂଶୁ ନନ୍ଦୀ, ମଧୁଛନ୍ଦା ମହାନ୍ତି, ଗୋପାଳ ସାହୁ, ଗୋବିନ୍ଦ ସାହୁ ଓ ସାମ୍ବାଦିକ ଗଣ ଉପସ୍ଥିତ ଥିଲେ। ପରେ ପାର୍ବତୀ ଜୁଏଲାରୀ ଦୋକାନର ମାଲିକ ମଣ୍ଟୁ ରଣାଙ୍କ ଦ୍ୱାରା ସୁନା ବୋହୂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ ଦାସ, ନବେନ୍ଦୁ ପ୍ରଧାନ, ସୁବ୍ରତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାରମାଣିଆ ଓ ଗିହ୍ନାଗଡ଼ିଆ ଗାଁ ରାସ୍ତା ନିର୍ମାଣ ଦାବି



ବାଲେଶ୍ୱର, ୬।୨(ସମିସ): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ବାରମାଣିଆ ଓ ଗିହ୍ନା ଗଡ଼ିଆ ଗାଁକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାର କଂକ୍ରିଟ ନଷ୍ଟ ହୋଇଯାଇଥିବା ବେଳେ ରାସ୍ତାଟି ଖାଲଖମାରେ ଭର୍ତ୍ତି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଦୁଇଟି ଗ୍ରାମର ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ନିର୍ମାଣ ପାଇଁ ସରପଞ୍ଚଙ୍କଠୁ ଆରମ୍ଭ କରି ବିଡ଼ିଓ, ଜିଲ୍ଲାପାଳ ଏବଂ ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବାରୁ ଗାଁକୁ ଆମ୍ବୁଲାନ୍ସଟିଏ ଆସିପାରୁ ନାହିଁ। ଏଥିସହିତ ବାଇକଟିଏ ନେବାକୁ ହେଲେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉଭୟ ଗ୍ରାମବାସୀ। ରୋଗୀ ଏବଂ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ୫ କିଲୋମିଟର ପର୍ଯ୍ୟନ୍ତ ବୋହି ନେବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ମୁକୁଳିସିରେ ମାତୃଭୂମି କଳିଙ୍ଗ ଉତ୍ସବ ଉଦ୍‌ଘାଟିତ




ବସ୍ତା ବ୍ଲକ, ୬।୨ (ସମିସ): ବସ୍ତା ବ୍ଲକ ମୁକୁଳିସି ସ୍ଥିତ ଚନ୍ଦନ ପଡ଼ିଆରେ ମାତୃଭୂମି କଳିଙ୍ଗ ଉତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଯୁବ ସମାଜସେବୀ ରଞ୍ଜନ କୁମାର ଧଳଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ମୁଖ୍ୟବକ୍ତା ଭାବେ ବସ୍ତା ଦମକଳ କେନ୍ଦ୍ରର ଅଧିକାରୀ ପ୍ରତାପ କୁମାର ପାଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବସ୍ତା ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ସାମ୍ବାଦିକ ଦୀପକ ପରିଡ଼ା, ଶ୍ରୀକାନ୍ତ ମିର୍ଦ୍ଧା, ସାମ୍ବାଦିକ ରଞ୍ଜନ ବେହେରା, ସୁଦର୍ଶନ ପାଲ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥଲେ। ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ ପ୍ରଦୀପ ଜାଳି ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶେଷରେ ସମାଜସେବୀ ରବୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ 'ସକାଳ'ର ବସ୍ତା ପ୍ରତିନିଧି ଦୀପକ ପରିଡ଼ା ଏବଂ କନକ ନ୍ୟୁଜର ପ୍ରତିନିଧି ରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଆସନ୍ତା ୧୨ ତାରିଖରେ ଉଦଯାପିତ ହେବ ବୋଲି କମିଟି ର ସଦସ୍ୟ ବିଷ୍ଣୁପଦ ପତି ପ୍ରକାଶ କରିଛନ୍ତି।

## ସାଇବର ଠକେଇର ଶିକାର ହେଲେ ଗ୍ରାହକ ସେବା କେନ୍ଦ୍ର ମାଲିକ

ଖଇରା, ୬।୨ (ସମିସ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁପାରୀର ଏକ ଗ୍ରାହକ ସେବା କେନ୍ଦ୍ର ମାଲିକ ଅଭିନବ ଠକେଇର ଶିକାର ହୋଇଛନ୍ତି। ସାଇବର ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତ୍ରିଶଳପୁର ଗ୍ରାମର ଉକ୍ତ ମାଲିକ ବିକାଶ କୁମାର ସାହୁ ମଙ୍ଗଳବାର ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିକାଶ ଓ ସହଯୋଗୀ ଅନ୍ୟ ଗ୍ରାହକ ସେବା କେନ୍ଦ୍ର ମାଲିକ ରହିଥିବା ହ୍ୱାଟ୍ସଅପ ଗ୍ରୁପକୁ ସୋମବାର ଅପରାହ୍ନ ୪ଟା ୪୮ ମିନିଟରେ ଏକ ଲିଙ୍କ (ସିଏସସି ଗ୍ରୁପ ଜଏନ ୦୫୨୦୨୧.ଏପିକେ) ଆସିଥିଲା। ବିକାଶ ଡାଉନଲୋଡ କରିବା ମାତ୍ରେ ତାଙ୍କର ସବୁ ତଥ୍ୟ ହ୍ୟାକ ହୋଇ ଯାଇଥିଲା। ଘନ ଘନ ଓଟିପି ଆସିଥିଲା। ଗୋଟିଏ ଶାଖା ଖାତାରେ ଥିବା ୬ଶହ ଟଙ୍କା ଉଠିଯାଇଥିବା ସୂଚନା ପାଇବା ମାତ୍ରେ ସେ ତତ୍‌କ୍ଷଣାତ ତାଙ୍କର ଅନ୍ୟ ଆକାଉଣ୍ଟରେ ଥିବା ୧ଲକ୍ଷ ଟଙ୍କାକୁ ନିଜେ ଉଠାଇ ଆଣିଥିଲେ। ପରେ ପରେ ହ୍ୟାକର ସେହି ୧ଲକ୍ଷ ଉଠାଉଥିବା ଏବଂ ଫେଲ ମେସେଜ ଆସିବାରେ ଗୋଟିଏ ସେକେଣ୍ଡ ପାଇଁ ସେ ବଡ ଠକାମିରୁ ବର୍ତ୍ତିଯାଇଥିଲେ। ଅନ୍ୟ କିଛି ଘଟିବା ପୂର୍ବରୁ ସେ ସିମ୍‌ଟିକୁ ମୋବାଇଲରୁ ସେ କାଢି ଦେଇଥିଲେ। ସେପଟେ ଏହି ଗ୍ରୁପ ରେ ଅନ୍ୟବହୁ ସଦସ୍ୟ ଥିବାରୁ କେହି ଏହି ଲିଙ୍କ୍‌କୁ ଡାଉନଲୋଡ ନ କରିବାକୁ ଉଭୟ ବିକାଶ ଓ ଖଇରା ପୁଲିସ ପରାମର୍ଶ ଦେଇଛନ୍ତି।

### ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଡ୍ରଇଁକୁ ଠିକାଦାରଙ୍କ ବେଖାତିର

# ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଓ ଏସ୍‌ଡିଓଙ୍କ ମିଳିତ ତଦନ୍ତ

ବାହାନଗା, ୬।୨ (ସମିସ) :



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଭଣା ପଞ୍ଚାୟତ ଆଳଦା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ବାବଦରେ 'ସକାଳ'ରେ ଖବର ପ୍ରସାରଣ ପରେ ଆକ୍ସନ ମୁଡ୍‌ରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ। ଆରମ୍ଭ ହେଲା ତନାଘନା, କାର୍ଯ୍ୟସ୍ଥଳୀରେ ଯନ୍ତ୍ରୀ ଏବଂ ଏସଡ଼ିଓଙ୍କ ମିଳିତ ତଦନ୍ତ ହୋଇଛି।

ଖବର ଅନୁସାରେ ଏହି ବ୍ଲକ ଅଭଣା ପଞ୍ଚାୟତ ଆଳଦା ଗ୍ରାମରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଦେଖା ଦେଇଆସୁଥିଲା। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ବସୁଧା ଯୋଜନାରେ ୬୨ ଲକ୍ଷ ୯୬ ହଜାର ୭୧୮ ଟଙ୍କା ଅଟକଳରେ ୫୦ ହଜାର ଲିଟର ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ଏହି ଟଙ୍କାରେ ପମ୍ପ ହାଉସ, ପାଣି ଟାଙ୍କି ସହ ସମସ୍ତଙ୍କ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ପାଇପଲାଇନ ବିଛାଇବା ପାଇଁ ଏଷ୍ଟିମେଣ୍ଟ ହୋଇଥିଲା। ଏହି କାର୍ଯ୍ୟକୁ ଜିନ୍ଦଲ ଆସୋସିଏଟ ନାମକ ଠିକା ସଂସ୍ଥା ଟେଣ୍ଡର ନେଇ କାର୍ଯ୍ୟ କରୁଛି। ଏହି ପ୍ରକଳ୍ପର ଟାଙ୍କି ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ବେଳେ ବିଭାଗୀୟ ଯନ୍ତ୍ରୀ ରିତାଲି ବେହେରା କାର୍ଯ୍ୟର ତଦାରଖ କରୁନଥିବାର ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଆଣିଥିଲେ।

ଏମିତିକି ବିଭାଗର ଡ୍ରଇଁ ଅନୁସାରେ କାର୍ଯ୍ୟ ହେଉନଥିବା ଜାଣି ସ୍ଥାନୀୟ ଲୋକେ କାମ ବନ୍ଦ କରିବା ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ପରେ ବିଭାଗର ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ଇଂ. ସମୀର ଦେ ଏବଂ ସୋର ଉପଖଣ୍ଡର ଏସଡ଼ିଓ ଇଂ. ଜ୍ୟୋତ୍ସ୍ନା ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଯନ୍ତ୍ରୀଙ୍କୁ ତାଗିଦ କରିବା ସହ ଡ୍ରଇଁ ଅନୁସାରେ କାର୍ଯ୍ୟ ହୋଇନଥିବାରୁ ସମ୍ପୃକ୍ତ ଠିକାସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏ ନେଇ ଆଜି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଡ୍ରଇଁକୁ ଠିକାଦାରଙ୍କ ବେଖାତିର, ଯନ୍ତ୍ରୀଙ୍କୁ ତାଗିଦ ସହ ଠିକା ସଂସ୍ଥାକୁ କାରଣଦର୍ଶାଅ ନୋଟିସ୍ ଶୀର୍ଷକ 'ସକାଳ'ରେ ବିସ୍ତୃତ ଭାବେ ଖବର ପ୍ରକାଶ ପାଇଥିଲା। ଖବର ପ୍ରସାରଣର କିଛି ଘଣ୍ଟା ମଧ୍ୟରେ ଆକ୍ସନ ମୁଡ୍‌କୁ ଆସିଥିଲେ ସୋର ଉପଖଣ୍ଡର ଭାରପ୍ରାପ୍ତ ଏସଡ଼ିଓ ସଞ୍ଜୁକ୍ତା ପାଣିଗ୍ରାହୀ। ବାହାନଗା ବ୍ଲକରେ ନବ ନିଯୁକ୍ତ ଯନ୍ତ୍ରୀ ଇଂ. ପ୍ରୀତିପ୍ରଭା ବାରିକଙ୍କୁ ଧରି ଆଳଦା ଗ୍ରାମରେ ହେଉଥିବା କାର୍ଯ୍ୟସ୍ଥଳରେ ପହଞ୍ଚି କାର୍ଯ୍ୟର ତଦାରଖ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ରକ୍ତଦାନ ଶିବିର; ୬୦ ୟୁନିଟ୍ ରକ୍ତ ସଂଗୃହୀତ

ରୂପସା, ୬।୨ (ସମିସ): ରୂପସା ଥାନା ଅନ୍ତର୍ଗତ ରୂପସା ଫ୍ରେଣ୍ଡସ ଫିସାରୀ, ନୀଳମଣି ମହାବିଦ୍ୟାଳୟ ଓ ଓଡ଼ିଶା ବ୍ଲଡ଼ ଡୋନର ଆସୋସିଏସନ ମିଳିତ ସହଯୋଗରେ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫ୍ରେଣ୍ଡସ ଫିସାରୀ ଓନର ବଂଶୀଧର ପଣ୍ଡା ଓ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏସବିଆଇ ମ୍ୟାନେଜର ଅଭିଷେକ ସାହୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ସଞ୍ଜୀବ କୁମାର ପ୍ରଧାନ, ଆସିଷ୍ଟାଣ୍ଟ ବ୍ୟାଙ୍କ ମ୍ୟାନେଜର ସୁଧୀର କୁମାର ପଣ୍ଡା, ରୂପସା ଶାଖା ମ୍ୟାନେଜର ଶାନ୍ତନୁ କୁମାର ଲେଙ୍କା, ଅଧ୍ୟକ୍ଷ




ଡ. ତପନ କୁମାର ବେହେରା, ସାମ୍ବାଦିକ ବାଞ୍ଛାନିଧି ଦେ, ଜିଲା ପରିଷଦ ସଭ୍ୟ ସଞ୍ଜୟକୁମାର ସେଠୀ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ଶମ୍ଭୁନାଥ ଗିରି, ପୂର୍ବତନ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ରକ୍ତଦାନ ମହତ ଦାନ ହୋଇଥିବାରୁ ସେଥିପ୍ରତି ଯୁବ ସମାଜ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ବ୍ଲଡ଼ ବ୍ୟାଙ୍କ ଟିମଙ୍କ ତତ୍ତ୍ୱାବଧାନରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସ୍ୱେଚ୍ଛାସେବୀ ସୁବ୍ରତ ମଲ୍ଲିକ, ପାର୍ଥସାରଥୀ ରାଉତ, ଜ୍ୟୋସ୍ନାରାଣୀ ପଣ୍ଡା ରକ୍ତଦାତାଙ୍କ ନାମ ପଞ୍ଜୀକରଣ କରିଥିଲେ। ମନୋଜ କୁମାର ଗିରି, ସତ୍ୟବ୍ରତ ଗିରି, ରାଜେନ୍ଦ୍ର ବେହେରା, ଜୀତେନ୍ଦ୍ର ପରିଡ଼ା, ପଦ୍ମଲୋଚନ ବଡ଼େଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜଳେଶ୍ୱର ଶିକ୍ଷକ ସଂଘ ବୈଠକ



ଜଳେଶ୍ୱର ବ୍ଲକ, ୬।୨ (ସମିସ) : ଜଳେଶ୍ୱର ଶିକ୍ଷକ ସଂଘ ଓଷ୍ଟା ତରଫରୁ ଏକ ବୈଠକ ସୋମବାର ପୂର୍ବାହ୍ନରେ ସିଦ୍ଧେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଶାସନବାର୍ଡ ପରିସରରେ ଓଷ୍ଟା ବ୍ଲକ ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୭ ତାରିଖରେ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ରେ ଏକ ବିଶାଳ ଆନ୍ଦୋଳନ ହେବ ବୋଲି ସୂଚନା ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକମାନଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା। ବେଷ୍ଟ ପ୍ରଧାନ ଶିକ୍ଷକ ଭାବରେ ବାଲେଶ୍ୱର ଜିଲ୍ଲାରୁ ମନୋନୀତ ହୋଇଥିବା ଖୁଲୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଅଜିତ ମହାନ୍ତି ଓ ଇଂରାଜୀ ଶିକ୍ଷକ ସଞ୍ଜୟ କୁମାର ପାକଳ, ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଅଜିତ୍ କୁମାର ନନ୍ଦୀ, ଶାଳିକୋଠା ହାଇସ୍କୁଲ ସାମାଜିକ ବିଜ୍ଞାନ ଶିକ୍ଷକ ସଞ୍ଜୀବ ପ୍ରମାଣିକ, ପଶ୍ଚିମବାର୍ଡ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ବାସନ୍ତୀ ଜେନା, ରାଜପୁର ହାଇସ୍କୁଲ ର କ୍ରୀଡ଼ା ଶିକ୍ଷକ ସିଦ୍ଧେଶ୍ୱର ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଓଷ୍ଟା ତରଫରୁ ସମ୍ବର୍ଦ୍ଧିତ କରାଇ ସେମାନଙ୍କର ମନୋବଳ ବୃଦ୍ଧି କରାଇବା ସହ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ହେବ ବୋଲି ସଭାପତି ଶ୍ରୀ ମିଶ୍ର ଦର୍ଶାଇଥିଲେ। ଉକ୍ତ ବୈଠକର ସମ୍ପାଦକ ଡ. ଅଜିତ ମହାନ୍ତି ସାଂଗଠନିକ ଅଭିଭାଷଣ ରଖିଥିଲେ। ଯୁଗ୍ମ ସମ୍ପାଦକ ସରୋଜ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ଉପ ସଭାପତି କେଶବ ଚନ୍ଦ୍ର ପରିଡ଼ା ଧନ୍ୟବାଦ୍ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହରିଶଙ୍କର ମହାନ୍ତି, ପ୍ରମୋଦ ପରିଡ଼ା, ନାରାୟଣ ପରିଡ଼ା, କାର୍ତ୍ତିକ ଚନ୍ଦ୍ର ବାରିକ ଓ ପ୍ରସନ୍ନ ଦାସ ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଲେ ଜନପ୍ରତିନିଧି



ସିମୁଳିଆ, ୬।୨(ସମିସ): ସରକାରୀ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ବାଚିତ ପ୍ରତିନିଧିଙ୍କୁ ଅନ୍ଧାରରେ ରଖିବା ନେଇ ନିର୍ବାଚିତ ପ୍ରତିନିଧିମାନେ ବ୍ଲକ ପରିସରରେ ହୋହଲ୍ଲା କରିଥିବାର ଦେଖିବାକୁ ମିଳିଛି। ପରେ ସିମୁଳିଆ ତହସିଲଦାର ଓ ଭାରାପ୍ରାପ୍ତ ବି.ଡି.ଓ ସୁନିଲ କୁମାର ଟୁଡୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାରୁ ପ୍ରକାଶ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ସମେତ ନିକଟରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସରକାରଙ୍କ ଶ୍ରୀଜୀଉଙ୍କୁ ଦର୍ଶନ ଓ ପରିକ୍ରମା ପ୍ରକଳ୍ପ ପରିକ୍ରମଣରେ ଜଗନ୍ନାଥ ଦର୍ଶନ ନିମନ୍ତେ ଭକ୍ତ ଚୟନ, ନାମ ଚୟନ ପଞ୍ଜୀକୃତ ନ ହେବା ଏବଂ ଭକ୍ତ ମାନଙ୍କୁ ଦର୍ଶନ ନିମନ୍ତେ ଯାଇ ସେଠାରେ ପରିଚାଳନାଗତ ତୃଟି ନେଇ ଆଜି ବ୍ଲକ ଅଧ୍ୟକ୍ଷ ବାବାଜି ଚରଣ ମଲ୍ଲିକ, ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ପ୍ରତିନିଧି ସୂର୍ଯ୍ୟକାନ୍ତ ମହାପାତ୍ର, ଅଣ୍ଡରାଇ ସମିତିସଭ୍ୟ ଉତ୍ତମ କୁମାର ମହାନ୍ତି, ଶ୍ୟାମସୁନ୍ଦରପୁର ସମିତିସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ରଞ୍ଜନ କୁମର ବେହେରା ସମେତ ବହୁ ପ୍ରତିନିଧି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜବାବ ମାଗିଥିଲେ। ଯାହାଫଳରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ହୋ ହାଲ୍ଲା ଲାଗି ରହିଥିଲା। ଖବର ପାଇ ସିମୁଳିଆ ବିଡିଓ ଭାବେ ଦାୟିତ୍ୱରେ ଥିବା ସୁନିଲ କୁମାର ଟୁଡୁ ବ୍ଲକ ସମ୍ମିଳନୀ କକ୍ଷରେ ବସି ଉଭୟଙ୍କ ମଧ୍ୟରେ ପୁଲିସ ଉପସ୍ଥିତିରେ ଆଲୋଚନା କରିଥିଲେ। ସରକାରୀ କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧିଙ୍କୁ ସଠିକ ଉପାୟରେ ଅବଗତ ନିମନ୍ତେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଥିଲେ।

## ବିଜେପି ଓ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ



ରାଜବରହମପୁର, ୬।୨(ସମିସ): ଆଜି ଗରଡିହି ସରପଞ୍ଚ ଶିବାଜୀ ସିଂ, ନାଏବ ସରପଞ୍ଚ ସୁରେନ୍ଦ୍ର ସିଂ ଓ ନୂତନ ଗିରିଙ୍କ ନେତୃତ୍ୱରେ କଦମଗଡ଼ିରୁ କିଛି ଲୋକ ନବୀନ ସରକାରଙ୍କ ସ୍ୱଚ୍ଛ ଶାସନ ଓ ବାଲେଶ୍ୱର ଜିଲ୍ଲା ବିଜେଡି ଉପ ସଭାପତି ସନ୍ତୋଷ ଖଟୁଆଙ୍କ ଦୃଢ଼ ନେତୃତ୍ୱ ନେଇ ବିଜେପି ଓ କଂଗ୍ରେସ ଛାଡି ଆଜି ବିଜେଡିରେ ସାମିଲ ହୋଇଛନ୍ତି। ସକାଳେ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରେ ପହଁଚି ବିଜେଡି ଉତ୍ତରୀୟ ପିନ୍ଧିଥିଲେ। ସେମାନେ ହେଲେ ଧୀରେନ୍ଦ୍ର ନାଥ ମଣ୍ଡଳ, ଭରତ ବାରିକ, କୁନିମଣି ମଣ୍ଡଳ, ଚନ୍ଦ୍ରକାନ୍ତି ମଣ୍ଡଳ, ବାଇଧର ମଣ୍ଡଳ, ବିଳାସିନୀ ବାରିକ, ନିନି ବାରିକ, କନକ ଜେନା, ସବିତ୍ରୀ ବେହେରା, ସାବିତ୍ରୀ ଜେନା, ଉମା ବେହେରା, କୈଳାଶ ଜେନା ପ୍ରମୁଖ କହିଥିଲେ।

### ଦିନେ ଦାଦନ ଖଟୁଥିଲେ, ଏବେ ବୁଝୁଛନ୍ତି ଦାଦନଙ୍କ ଦୁଃଖ

# ରାଜ୍ୟ ବାହାରେ ଯୁବପିଢ଼ିଙ୍କ ପଥପ୍ରଦର୍ଶକ ସାଜିଛନ୍ତି ପ୍ରିୟବ୍ରତ






ବାଲେଶ୍ୱର, ୬।୨(ସମିସ):

ପାଠପଢ଼ାରେ ବାଧକ ସାଜିଥିଲା ଘରର ଆର୍ଥିକ ସମସ୍ୟା। ସେଥିପାଇଁ ଚାକିରିର ଏକ ବଡ ସ୍ୱପ୍ନ ନେଇ ବାହାରି ଯାଇଥିଲେ ଗୁଜରାଟ। ମାତ୍ର ପ୍ରଥମେ ସେଠାରେ ତାଙ୍କୁ ଖଟିବାକୁ ପଡ଼ିଥିଲା ଦାଦନ। ପ୍ରାୟ ଦୁଇ ବର୍ଷ ଦାଦନ ଖଟିବା ପରେ ସେ ଫାର୍ମାସିଷ୍ଟ ଭାବେ କାମ ଆରମ୍ଭ କରିଥିଲେ। ମାତ୍ର ଏତିକି ଭିତରେ ବାହାର ରାଜ୍ୟରେ ଓଡିଆଙ୍କ କଷ୍ଟ ଓ ସଂଘର୍ଷ ବାବଦରେ ନିକଟରୁ ଅନୁଭବ କରିପାରିଥିଲେ ସେ। ସେଇଥିପାଇଁ ତ ଏବେ ନିଜେ ଦାଦନ ଖଟୁଥିବା ଲୋକ ଓଡ଼ିଆ ଦାଦନଙ୍କ ଦୁଃଖ ବୁଝୁଛନ୍ତି। ବାହାର ରାଜ୍ୟରେ ଓଡ଼ିଆ ପିଲାଙ୍କ ପାଇଁ ସାଜିଛନ୍ତି ସେ ପଥ ପ୍ରଦର୍ଶକ। ଓଡ଼ିଶାରୁ ଦାଦନ ପାଇଁ ବାହାର ରାଜ୍ୟକୁ ଯାଉଥିବା ଶିକ୍ଷିତ ଯୁବପିଢିଙ୍କ ଗାଇଡ୍ ସାଜିଛନ୍ତି ଆଉ ଜଣେ ଓଡିଆ ଲୋକ। ଯିଏକି ବିନାମୂଲ୍ୟରେ ଓଡ଼ିଆଙ୍କ ଦୁଃଖକୁ ବୁଝି ସେମାନଙ୍କ ଭବିଷ୍ୟତ ଗଢୁଛନ୍ତି। ସେମାନଙ୍କୁ ଚାକିରି ଦେଉଛନ୍ତି। ସେମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ବାଲେଶ୍ୱରର ପ୍ରିୟବ୍ରତ ଭୋଇ(୪୧)।

ସୂଚନାଯୋଗ୍ୟ, ବାଲେଶ୍ୱର ରୂପସା ପାଇକସାହି ନୂଆଗାଁର ବିମ୍ବାଧର ଭୋଇ ଓ ମିତାଲି ଭୋଇଙ୍କ ପୁଅ ହେଉଛନ୍ତି ପ୍ରିୟବ୍ରତ। ବିମ୍ବାଧର ଜଣେ ଚାଷୀ। ଚାଷ କରି ସେ ପରିବାର ପ୍ରତିପୋଷଣ କରନ୍ତି। ଏହିପରି ସମୟରେ ଘରର ଆର୍ଥିକ ସମସ୍ୟାକୁ ଦୂର କରିବା ପାଇଁ ପ୍ରିୟବ୍ରତ ଗୁଜରାଟ ପଳାଇଥିଲେ। ସେଠାରେ ବେଶ୍ କିଛି ବର୍ଷ କାମ କରିଥିଲେ। ବାହାର ରାଜ୍ୟକୁ ଯାଇ ଓଡ଼ିଶା ପିଲାମାନେ ଚାକିରି ପାଇବା ସହଜ ନଥାଏ। ବିଶେଷକରି ବର୍ତ୍ତମାନର ଶିକ୍ଷିତ ଯୁବପିଢି। ବାହାରକୁ ଯାଇ ଚାକିରି ନପାଇ ଅନେକ ନିରାଶ ହୋଇପଡନ୍ତି। ଏସବୁ ଅସୁବିଧା ପ୍ରିୟବ୍ରତ ନିଜେ ବି ଅନୁଭବ କରିଛନ୍ତି। ଖାସ୍ ଏଥିପାଇଁ ବାହାର ରାଜ୍ୟରେ ଓଡ଼ିଆଙ୍କ ସାହସ ଓ ସାହାରା ହୋଇ ପ୍ରିୟବ୍ରତ ଓଡ଼ିଶା ତଥା ବାଲେଶ୍ୱର ପାଇଁ ଗୌରବ ଆଣିଛନ୍ତି କହିଲେ ଭୁଲ୍ ହେବ ନାହିଁ। ଓଡିଆ ପିଲାଙ୍କ ପଛରେ ସାହସର ସହ ଛିଡ଼ାହୋଇ ସେମାନଙ୍କୁ ଓଡ଼ିଶା ବାହାରେ ଚାକିରିରେ ଜଡିତ କରିବା ଏକ କଷ୍ଟକର କାମ। ଯାହାକୁ ପ୍ରିୟବ୍ରତ ୨୦୧୩ ମସିହାରୁ ଆପଣେଇଛନ୍ତି। ୨୦୦୬ ମସିହାରେ ଏକ ଚାକିରି କରିବାର ସ୍ୱପ୍ନ ନେଇ ଗୁଜରାଟ ଯାଇଥିଲେ। ସେଠାରେ ସେ ୨୦୧୩ ପର୍ଯ୍ୟନ୍ତ ଫାର୍ମାସିଷ୍ଟ ଭାବେ ଚାକିରି ମଧ୍ୟ କରିଲେ। ଏ ଭିତରେ ଜାଣିବାକୁ ପାଇଲେ ଯେ ଏଠାକୁ ବହୁତ ଓଡ଼ିଆ ପିଲା ଚାକିରି ଅନ୍ୱେଷଣରେ ଆସୁଛନ୍ତି। ହେଲେ ଅନେକ ବାଟବଣା ହେଉଛନ୍ତି। ସମସ୍ୟା ଭୋଗୁଛନ୍ତି। ଏହାକୁ ସେ ନିଜେ ଅନୁଭବ କରି ଚାକିରି ଛାଡି ନିଜର ଏକ ପ୍ଲେସମେଣ୍ଟ ଏଜେନ୍ସି ଖୋଲିଲେ। ଏହି ପ୍ଲେସମେଣ୍ଟ ମାଧ୍ୟମରେ ସେ ବହୁ ଓଡ଼ିଆ ପିଲାଙ୍କୁ ସ୍ଥାନୀୟ ଭାପିର ବଡ଼ ବଡ଼ କମ୍ପାନୀରେ ନିଯୁକ୍ତି ଦେଇଛନ୍ତି। ନିଜ ଅଧୀନରେ ସେ ୨୫୦ରୁ ଅଧିକ ଓଡ଼ିଆ ପିଲାଙ୍କୁ ଚାକିରି ଯୋଗାଇ ଦେଇଛନ୍ତି।

ବର୍ତ୍ତମାନ ପ୍ରିୟବ୍ରତ ନିଜର ଏଜେନ୍ସି ମାଧ୍ୟମରେ ପିଲାମାନଙ୍କୁ ଇଣ୍ଡଷ୍ଟ୍ରିଆଲ ତାଲିମ ଦେଉଛନ୍ତି। ଯେଉଁଥିରେ ଅଳ୍ପ ଖର୍ଚ୍ଚରେ ପିଲାମାନେ ଇଣ୍ଟର୍ଣ୍ଣସିପ୍ କରନ୍ତି। ଇଣ୍ଟର୍ଣ୍ଣସିପ୍ ସହ ଇଣ୍ଡଷ୍ଟ୍ରିଆଲ ତାଲିମ ଏବଂ ଆଗକୁ ବଢ଼ିବା ପାଇଁ ପିଲାମାନଙ୍କୁ ସୁଯୋଗ ମଧ୍ୟ ଦେଉଛନ୍ତି। ଯେଉଁ ଓଡିଆ ପିଲା ଗୁଜରାଟର ଦମନ, ଡିୟୁ ଏବଂ ଭାପିକୁ ଆସନ୍ତି ସମସ୍ତଙ୍କୁ ଗାଇଡ୍ ଭାବେ ମୁଁ ସହଯୋଗ କରିବା ସହ ଚାକିରି ମଧ୍ୟ ଦେଉଛି। ଏହାବ୍ୟତୀତ ବେଙ୍ଗାଲୁରୁ, ଗୋଆ, ସିକିମ, ହାଇଦ୍ରାବାଦରେ ବି ମୋର ଯୋଗାଯୋଗ ରହିଛି। ଫାର୍ମାର ଅଲ୍ ଇଣ୍ଡିଆ ଲେବଲରେ ଓଡ଼ିଆ ପିଲାଙ୍କୁ ନିଯୁକ୍ତି ଦେଉଥିବା ପ୍ରିୟବ୍ରତ କହିଛନ୍ତି।

## ନୂତନ ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ



ନାମ୍ପୋ, ୬।୨(ସମିସ): ଜଳେଶ୍ୱର ବ୍ଲକ ନାମ୍ପୋ ଗ୍ରାମପାୟତର ତିନି ନମ୍ବର ୱାର୍ଡ ତିଳାପଟାରେ ଥିବା ଅଙ୍ଗନ ବାଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।୨୦୦୧ ମସିହାରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ତିଳାପଟା ସମେତ ଜୋତିଜଙ୍ଗମ ଓ କରିମବାଦ ମୌଜାର ତିରିଶିରୁ ଅଧିକ ପିଲା ରହିଥିବା ବେଳେ ଏହାର ନିଜସ୍ୱ ଗୃହ ନ ଥିବାରୁ ପିଲାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେଥିପାଇଁ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମାନେ ଦାବି କରି ଆସୁଥିଲେ। ଜନସାଧାରଣଙ୍କ ଦାବିକୁ ଗ୍ରହଣ କରି ଡବ୍ଲୁ ଏମ ସି ଡିରୁ ଦୁଇ ଲକ୍ଷ ଓ ଏମଜିଏନଆରଜିଏସରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଆଜି ବିଭାଗୀୟ ଜେଇ ଜଗଦୀଶ ଚନ୍ଦ୍ର ଅଧିକାରୀ ଚିହ୍ନଟ ହୋଇଥିବା ସ୍ଥାନରେ ଉପସ୍ଥିତ ରହି କାର୍ଯ୍ୟ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉଳ, ସମିତି ସଭ୍ୟ ପ୍ରତିନିଧି ସୁଶୀଳ କୁମାର ପରିଡ଼ା, ୱାର୍ଡ ସଭ୍ୟ ସୁନିତା ପ୍ରଧାନ, ଅଙ୍ଗନବାଡି କର୍ମୀ ସସ୍ମିତା ପ୍ରଧାନ, ଯୁବନେତା ଅରୁଣ ରାଉଳ, ଜଗନ୍ନାଥ ପ୍ରଧାନ, ସତ୍ୟ କର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପଶ୍ଚିମବଙ୍ଗକୁ ଲମ୍ବିଛି ଚୋରା ଗଞ୍ଜେଇ ଚାଲାଣ ଡୋର

# ୧୨୦ କେଜି ଗଞ୍ଜେଇ ଜବତ; ୨ ଗିରଫ




ବାରିପଦା, ୬।୨(ସମିସ): ଅବୈଧ ନିଶା କାରବାର ରୋକିବାରେ ମୟୂରଭଞ୍ଜ ପୁଲିସକୁ ସଫଳତା ମିଳିଛି। ଏମଭି ଚେକିଂ ସମୟରେ ଯଶିପୁର ପୁଲିସ ସୋମବାର ଅପରାହ୍ଣରେ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୨ଜଣ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଙ୍ଗଳବାର ଏ ନେଇ ବାରିପଦା ପୁଲିସ ମୁଖ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ ସବିଶେଷ ସୂଚନା ଦେଇଛନ୍ତି। ଏଭଳି ଘଟଣାରେ ଅଧିକ ସଫଳତା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ଏସ୍‌ପି। ମୟୂରଭଞ୍ଜ ଜିଲ୍ଲାରେ ଅବୈଧ ନିଶା କାରବାରର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ଶ୍ରେଷ୍ଠ କାର୍ଯ୍ୟାନୁଷ୍ଠାନ ଯୋଜନାବଦ୍ଧ ଭାବେ ଜାରି ରହିଛି। ସୋମବାର ଯଶିପୁର ଥାନା ଅଧିକାରୀ ସଂଯୁକ୍ତା ମହାଲିକଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ତୁଷାର ରଞ୍ଜନ ସେଠୀ, ଏଏସଆଇ ଆର ସିଂଙ୍କ ସମେତ ଅନ୍ୟ କର୍ମଚାରୀ ଯଶିପୁର ମୁଖ୍ୟ ବଜାରରେ ମୋଟରଯାନ ଯାଞ୍ଚ କରୁଥିଲେ। ବାରିପଦା ଅଭିମୁଖେ ଆସୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରିଥିଲେ। ପରେ କାର୍ ଡିକିରୁ ୧୨୦କେଜି ଗଞ୍ଜେଇ ଜବତ କରାଯିବା ସହ ଦୁଇ ଜଣକୁ ଗିରଫ କରାଯାଇଥିଲା। ସେମାନେ ହେଲେ ପଶ୍ଚିମବଙ୍ଗର ଉତ୍ତର ୨୪ପ୍ରଗଣା ଜିଲ୍ଲାର ବାଗଡ଼ାହା ଥାନା ଅଞ୍ଚଳର ଦୟାଲ ବିଶ୍ୱାସ (୨୯), ବନଗାଉଁ ଥାନା ଅଞ୍ଚଳର ଆସିଫୁଲ ମଣ୍ଡଳ(୨୯)। ଜବତ ଗଞ୍ଜେଇର ଅନୁମାନିକ ମୂଲ୍ୟ ୧୨ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏଥି ସହିତ ପୁଲିସ କାର ସମେତ, ଗୋଟିଏ ମୋବାଇଲ ଫୋନ, ୩ହଜାର ଟଙ୍କା ଆଦି ଜବତ ହୋଇଛି। ସେମାନେ ପଶ୍ଚିମବଙ୍ଗରେ ଗଞ୍ଜେଇ କାରବାର କରିବା ଉଦ୍ଦେଶ୍ୟରେ ସମ୍ବଲପୁରରୁ ଜିଲ୍ଲାରୁ ନେଉଥିବା ପଚରାଉଚୁରାରୁ ଜଣାପଡ଼ିଛି। ଏନେଇ ଯଶିପୁର ଥାନାରେ କେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ବିଷୟରେ ପୁଲିସ ତଦନ୍ତ ଜାରି ରହିଛି।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଉଦ୍‌ଯାପିତ



ବିଶୋଇ, ୬।୨(ସମିସ) : ବିଶୋଇ ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ସୋମବାର ଉଦଯାପିତ ହୋଇଯାଇଛି। ଗତ ୨୪ ତାରିଖରୁ ୧୧ଟି ପଞ୍ଚାୟତରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଶେଷ ହୋଇଛି। ଏହି ଯୋଜନାରେ ବିଦ୍ୟାଳୟ ଓ ଧାର୍ମିକସ୍ଥଳୀର ରୂପାନ୍ତରୀକରଣ, ସ୍ୱାସ୍ଥ୍ୟକେନ୍ଦ୍ର, ଆମ ବ୍ୟାଙ୍କ, ମିଶନ ଶକ୍ତି, ରାସ୍ତା, ଗୃହ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନରେ ହୋଇଥିବା ୨ଟି ପଞ୍ଚାୟତର ବିକାଶ ଚିତ୍ରକୁ ଡିଜିଟାଲ ମାଧ୍ୟମରେ ପରିବେଷଣ କରାଯାଇଥିଲା। ସେହିପରି ସମାଜ ସିଙ୍ଗରାୟ (ଆଦିବାସୀ ପାଲା) ଓ ପାଲା ମାଧ୍ୟମରେ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ଉକ୍ତ ୨ଟି ଶିବିରରେ ଅତିଥି ଭାବେ ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କୁ ହାଁସଦା ଯୋଗଦେଇଥିଲେ। ଉଭୟ ଶିବିରରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ବିଶୋଇ ପଞ୍ଚାୟତରେ ଆବାସ ଗୃହରେ ୪୦୨, ରାଜସ୍ୱ ବିଭାଗରେ ୨୧, ବିଦ୍ୟୁତ ପାଇଁ ୩୨, ଭତ୍ତା ପାଇଁ ୭୨, ସ୍ୱାସ୍ଥ୍ୟ ପାଇଁ ୨, କାଳିଆ ଯୋଜନାରେ ୨୮, ପାନୀୟଜଳ ପାଇଁ ୪ ଜଣ ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କୁ ପତ୍ର ପ୍ରଦାନ କରିଥିଲେ। ଦୁଇଟିଯାକ ଶିବିରକୁ କନିଷ୍ଠଯନ୍ତ୍ରୀ ଭରତ ସିଂ ଓ ଇଂ ସନ୍ତୋଷ ବେହେରା ପର୍ଯ୍ୟବେକ୍ଷକ ଭାବରେ ଉପସ୍ଥିତ ଥିଲେ। ବିଶୋଇ ପଞ୍ଚାୟତର ପିଇଓ ସତ୍ୟରଞ୍ଜନ କର, ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ସମିତି ସଦସ୍ୟ କାଶୁ ମାଝୀ, ଯୋଗାଣ ସହାୟକ ନିଲେଶ ରାମ, ଜିଆରଏସ ରିନାଲତା ମୁଣ୍ଡା, ୱାର୍ଡ ସଭ୍ୟ ବିବେକାନନ୍ଦ ଦାସ, ଦୀପକ ରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭିଣୋଇ ଘରୁ ଚୋରିକରି ସମ୍ପର୍କୀୟ ଶଳା ଗିରଫ

ବୈଶିଙ୍ଗା, ୬।୨(ସମିସ): ଚୁଆପଦା ଉପକଣ୍ଠ ନୂଆଗାଁ ଗ୍ରାମରୁ ୨୦୨୩ ମସିହା ଅକ୍ଟୋବର ୧୦ ତାରିଖରେ ସମ୍ପର୍କୀୟ ଭିଣୋଇ ଘରୁ ସ୍କୁଟି, ଡ୍ରିଲ ମେସିନ ଏବଂ ଟଙ୍କା ଚୋରିକରି ଫେରାର ଥିବା ଅଭିଯୁକ୍ତ ଶଳାକୁ ପୁଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅଧୀନ ଗୁଡୁପାହି ଗ୍ରାମର ଅର୍ଜୁନ ଓରଫ ଅଜୟ ମଣ୍ଡଳ। ଏତଲାକାରୀ ରମେଶ ମହାନ୍ତିଙ୍କ ଅଭିଯୋଗ ମୁତାବକ ଘରେ କେହି ନ ଥିବାର ସୁଯୋଗ ନେଇ ଶଳା ଅର୍ଜୁନ ସ୍କୁଟି, ଡ୍ରିଲ ମେସିନ ଏବଂ ୩୫ହଜାର ଟଙ୍କା ଚୋରି କରିନେଇ ଫେରାର ହୋଇଯାଇଥିଲା। ଘରକୁ ଫେରି ଅଜୟ ଚୋରି ହୋଇଥିବା ଜାଣି ଅର୍ଜୁନ ନାଁରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଜାରି ରଖିଥିଲା। ପୁଲିସ ସୋମବାର ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଗୁଡୁପାହି ଗ୍ରାମରେ ଚଢ଼ଉକରି ଅଭିଯୁକ୍ତକୁ ଗିରଫ କରିବା ସହିତ ତା'ନିକଟରୁ ସ୍କୁଟି ଏବଂ ଡ୍ରିଲ ମେସିନ ଜବତ କରିଛି। ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଅବକାରୀ ବିଭାଗର ଚଢଉ; ଅଭିଯୁକ୍ତ କୋର୍ଟଚାଲାଣ

ବେତନଟୀ/ବୈଶିଙ୍ଗା, ୬।୨(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଚୋରା ଦେଶୀମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦହିକୋଟୀ ପଞ୍ଚାୟତ ଅଧୀନ ଖମାରୀ ଗ୍ରାମର ଧନଞ୍ଜୟ ମହାନ୍ତ ଏବଂ ତାଙ୍କ ନିକଟରୁ ୯ଲିଟର, ବୈଶିଙ୍ଗା ଥାନା ଅଧୀନ ଅଜାଡିହ ଗ୍ରାମର ଆରତୀ ସିଂ ନିକଟରୁ ୨୧ଲିଟର ଏବଂ ବୈଶିଙ୍ଗା ଉପକଣ୍ଠ ପଦ୍ମପୁର ଗ୍ରାମର କୁନି ସିଂ ନିକଟରୁ ୧୭ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେମାନଙ୍କୁ ଜାମିନ ନ ମିଳିବାରୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ



ଗୋରୁମହିଷାଣୀ, ୬।୨(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ସମାରୋହରେ ପାଳିତ ହୋଇଛି। ବ୍ରହ୍ମମୁହୂର୍ତ୍ତରେ ବେଦ ମାଙ୍ଗଳିକ ଉଷା କୀର୍ତ୍ତନ, ଗ୍ରନ୍ଥ ପାଠ ଆଦି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ସୁସଜ୍ଜିତ ରଥକୁ ଶତାଧିକ ଗୁରୁ ମା ଓ ଭାଇମାନଙ୍କ ଦ୍ୱାରା ନଗର ପରିକ୍ରମା ମାଧ୍ୟମ ରେ ଗୋରୁମହିଷାଣୀ ବଜାର ପରିକ୍ରମା କରିଥିଲେ। ସହ ପ୍ରତିଋତ୍ୱିକ ହରିହର ଦାସ ସତସଙ୍ଗ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ତୁରୁମୁଙ୍ଗାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ମହାନ୍ତି ଯୋଗଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କର୍ମୀ ଶିବ ପ୍ରସାଦ ପ୍ରଧାନ ଗୋରୁମହିଷାଣୀ ସତସଙ୍ଗର ଇତିବୃତ୍ତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଚିତ୍ରା ନନ୍ଦନ ପଟ୍ଟନାୟକ, ନିଗମା ନନ୍ଦନ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ରାଇରଙ୍ଗପୁରରୁ ଆଗତ ମାଆ ସୁଚିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋରୁମହିଷାଣୀ ସତସଙ୍ଗ ବିହାର ତଥା କରଞ୍ଜିଆ ଭୂମିକା ଚକ୍ଷୁ ଚିକିତ୍ସାଳୟର ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯଶିପୁର, ବିଜାତଲା, ରାଇରଙ୍ଗପୁର ଆଦି ଅଞ୍ଚଳର ଶତାଧିକ ଗୁରୁ ମା' ଓ ଭାଇମାନେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଛଅ ଜଣ ଠାକୁରଙ୍କ ସତଦୀକ୍ଷା ଗ୍ରହଣ କରିଥିଲେ।

## ବିଦ୍ୟାଳୟରେ ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ

ରାଇରଙ୍ଗପୁର, ୬।୨(ସମିସ): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏସ୍.ବି.ଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଏହି ସଙ୍ଗୀତର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତ, ଅଧ୍ୟାପକ ବଳରାମ ମହାନ୍ତ, ସୁକାନ୍ତ କୁମାର ମହାନ୍ତି, ମାନସ କୁମାର ପରିଡ଼ା, ସତ୍ୟବାନ ସାହୁ, ରଜତ କୁମାର ଗିରି, ପୁରାତନ ଛାତ୍ର ପିକେ ଶତପଥୀ ପ୍ରମୁଖ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବାର୍ଷିକ କ୍ରୀଡ଼ା ଓ ଆଦିବାସୀ ନାଚ ପ୍ରତିଯୋଗିତା

ଝରାଡିହି, ୬।୨(ସମିସ): ବହଳଦା ବ୍ଲକ ଭିତରାମଦା ପଞ୍ଚାୟତ ଜାରିଟାଣ୍ଡି ଫୁଟବଲ ଖେଳ ପଡ଼ିଆରେ ୪୪ତମ ବାର୍ଷିକ କ୍ରୀଡା ଓ ଆଦିବାସୀ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଠାରେ ସାଲଖୁ ମେମୋରିଆଲ ସୋସାଇଟି ରୁଡୁଘୁଟୁ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ସୋସାଇଟି ସଭାପତି ରଘୁନାଥ ମୁର୍ମୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୨୪ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପୁରସ୍କାର ଭାବେ ବିଗ୍ ଇନସାନ ପଟୁଆ ଦଳକୁ ୧୫ ହଜାର, ଦ୍ୱିତୀୟ ପୁରସ୍କାର ଭାବେ ଭାଟଗଡ଼ା ଦଳକୁ ୧୨ ହଜାର ଓ ତୃତୀୟ ପୁରସ୍କାର ଭାବେ ଆସନା ଦଳକୁ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦିବାସୀ ଡ୍ରାମାଗାଲି ନାଚ ପ୍ରତିଯୋଗିତାରେ ମହାଦେବଡିହି, ଜିଆଳଝରନାଟଲା ବାଦଲା, ଜାହେରଆୟ ସାରନା କ୍ଲବ ପିଠାକଟଣେ ଓ ରେସେକେ ରୁସିକା ଜଆଳ ବୀରସିଙ୍ଗଡିହି ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପୁରସ୍କାର ଭାବେ ୬ ହଜାର ଓ ଦ୍ୱିତୀୟ ପୁରସ୍କାର ଭାବେ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କୋହ୍ଲ ସମ୍ପ୍ରଦାୟର ହୋ' ନାଚ ଦଳକୁ ୪ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ସେହିପରି ଆଦିବାସୀ 'ଦାସାଇ' ନାଚ ଦେୟରାଇଡିହି ଦଳ ପରିବେଷଣ



କରିଥିଲା ବେଳେ ଆଦିବାସୀ 'ଡାଣ୍ଟା' ନାଚ ଦଳସରା ଗ୍ରାମ ପରିବେଷଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଇନ ମୁର୍ମୁ, ସମ୍ମାନିତ ଅତିଥିଭାବେ ଡିମିରୁ ମାଝି, ଚିଫ୍ ମ୍ୟାନେଜର ବିପିସିଏଲ ମୁମ୍ବାଇ ସାଲଖୁ ମାଝି, ପ୍ରଧାନ ଶିକ୍ଷକ ନନ୍ଦାବାସା ରାମେଶ୍ୱର ହେମ୍ବ୍ରମ, ଜିଏମ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟର ଚାନାରାମ ମାଣ୍ଡି, ମ୍ୟାନେଜର ଓସିସିଏଲ ବାଜିନାଥ ମାଝି, ବହଳଦା ବ୍ଲକ ପ୍ରେସିଡେଣ୍ଟ ବିଜେଡି ହରେକୃଷ୍ଣ ମଣ୍ଡଳ, ଭିତରାମଦା ସରପଞ୍ଚ ଖାତ୍ରି କିସ୍କୁ, ଗ୍ରାମ ମାଝିବାବା ବୁଧୁରାମ ବିରକିଶୋର ମୁର୍ମୁ, କଲଚରାଲ ସେକ୍ରେଟାରୀ ଦିକୁ ମାଣ୍ଡି, ଚମ୍ପା ମାଝି, ରାମଚନ୍ଦ୍ର ମାଝି ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।

## ପାତ୍ରତନ୍ତୀ କଲ୍ୟାଣ ସମିତିର ମାଘ ମିଳନ ସମାରୋହ

ରାଇରଙ୍ଗପୁର, ୬।୨(ସମିସ): ନିଖିଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତି ଜାମଦା ଶାଖା ଦ୍ୱାରା ଆୟୋଜିତ ମାଘ ମିଳନ ତଥା ବନ୍ଧୁ ମିଳନ ସମାରୋହ ପାକଣାପାଟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଶତାଧିକ ପୁରୁଷ, ମହିଳା, ବୁଦ୍ଧିଜୀବୀ, ସମାଜସେବୀ ଉପସ୍ଥିତ ରହି ନିଜ ଜାତି ଓ ସମାଜର ପ୍ରତ୍ୟେକ ପରିବାର ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ବିଭିନ୍ନ ଜନ କଲ୍ୟାଣ ମୂଳକ କାର୍ଯ୍ୟ କ୍ଷେତ୍ରରେ କିପରି ଉନ୍ନତି କରି ଆଗକୁ ଅଗ୍ରସର ହୋଇପାରିବେ ସେ ନେଇ ଜିଲ୍ଲା ସଭାପତି ନରେନ୍ଦ୍ର ପାତ୍ର ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ କମିଟି ସଭାପତି ବିଜୟ କୁମାର ପାତ୍ର, ଉପ ସଭାପତି ହରିହର ପାତ୍ର, ସମ୍ପାଦକ ଚନ୍ଦ୍ରଶେଖର ପାତ୍ର, ସହ ସମ୍ପାଦକ ଗୋପବନ୍ଧୁ ଦାସ, ସଂଯୋଜକ ନରେନ୍ଦ୍ର ପାତ୍ର, ଉପଦେଷ୍ଟା ଗଜେନ୍ଦ୍ର ପାତ୍ର, ସହଯୋଗୀ ଅଭୟ ପାତ୍ର, ହରେକୃଷ୍ଣ ପାତ୍ର, ସିଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## କୁରାଡିକ, ଫାଳଝରୀରେ ହେଟାବାଘ ଆତଙ୍କ

ବୈଶିଙ୍ଗା, ୬।୨(ସମିସ): ବେତନଟୀ ରେଞ୍ଜ ତଥା ବୈଶିଙ୍ଗା ଥାନା ଅଧୀନ କୁରାଡିକ ଏବଂ ଫାଳଝରୀ ଇଲାକାରେ ହେଟାବାଘ ଆତଙ୍କ ଖେଳାଇ ଚାଲିଥିବା ବେଳେ ଦୁଇଦିନରେ ୪ଟି ଛେଳି ଏବଂ ଗୋଟିଏ ମେଣ୍ଢାକୁ ଘୋଷାରିନେଇ ମାରି ଖାଇଦେଇଛି। ହସ୍ତଗତ ସୂଚନା ମୁତାବକ କୁରାଡିକ ଏବଂ ଫାଳଝରୀ ଜଙ୍ଗଲ ଇଲାକାରେ ବଣୁଆହାତୀ ବିଚରଣ କରୁଥିବାରୁ ଗ୍ରାମବାସୀ ଜଙ୍ଗଲ ଭିତରକୁ ପ୍ରବେଶ କରୁନାହାନ୍ତି। ତେବେ ପଶୁପାଳକମାନେ ଗ୍ରାମର ଛେଳି ଏବଂ ମେଣ୍ଢା ଚରାଇବାକୁ ଯାଉଥିବା ବେଳେ ଜଙ୍ଗଲ ଭିତରକୁ ନଯାଇ ଜଙ୍ଗଲ ପାଶ୍ୱବର୍ତ୍ତି ଇଲାକାରେ ବିଚରଣକରି ଛେଳି, ମେଣ୍ଢା ଉପରେ ନଜର ରଖୁଛନ୍ତି। ଗୋଟିଏ ଦିନରେ ଫାଳଝରୀ ଗ୍ରାମର ମଙ୍ଗଲ ମୁର୍ମୁଙ୍କ ୩ଟି ଛେଳିକୁ ମାରି ହେଟାବାଘ ଖାଇଦେଇଥିବା ବେଳେ ଦ୍ୱିତୀୟଦିନରେ କୁରାଡିକ ଗ୍ରାମର ମଥୁରୀ ମହାନ୍ତଙ୍କର ଗୋଟିଏ ମେଣ୍ଢା ଏବଂ ସନ୍ନ୍ୟାସୀ ମହାନ୍ତଙ୍କ ଗୋଟିଏ ଛେଳି ମାରି ଖାଇଦେଇଥିଲା।

## ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ

ରାଇରଙ୍ଗପୁର, ୬।୨(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଦ୍ୱାରା ଖଡକାଇ ଡ୍ୟାମରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନରେ ମହାବିଦ୍ୟାଳୟର କର୍ମଚାରୀମାନେ ପ୍ରଥମେ ବଣଭୋଜି ସ୍ଥାନ ସଫେଇ କରିବା ପରେ ଲୋକଙ୍କୁ ସ୍ୱଚ୍ଛତା ସଚେତନତା ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ଅଧ୍ୟାପିକା ରାଜଶ୍ରୀ ଦାସଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ଡିଏଲ କଲେଜ ପ୍ରାଧ୍ୟାପକ ଜନକ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆୟୋଜକମାନଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ଅଭିନନ୍ଦନ ଜଣାଇଥିଲେ। ଆବାହକ ବିଜୟ ରାମ ସ୍ଥାନୀୟ ଲୋକମାନଙ୍କୁ ଏପରି ସଚେତନତାର ଆବଶ୍ୟକତା ଉପରେ କହିଥିଲେ। ପରବର୍ତ୍ତୀ ସମୟରେ ବଣଭୋଜି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସେବତୀ ବେହେରା, ଡାକ୍ତର ରାଜେନ୍ଦ୍ର ମଣ୍ଡଳ, ଅବନି ନାୟକ, ଦଶରଥ ଗୋରାଇ, ରୁଦ୍ରନାଥ ଧୀର, ପ୍ରିୟଉମା ହେମ୍ବ୍ରମ, ରାଜଶ୍ରୀ ନାୟକ, ପୁଷ୍ପଲତା ମୁର୍ମୁ, ପ୍ରିୟଦର୍ଶିନୀ ଭିସେରା ପ୍ରମୁଖ ଯୋଗଦେଇଥିଲେ।

## ଟିମ୍ କିଡ୍‌ସର ବାର୍ଷିକ ଉତ୍ସବ 'ବାଲ ମହୋତ୍ସବ'

ବାରିପଦା, ୬।୨(ସମିସ): କୁନି ପିଲାଙ୍କ ଦୁଇ ସ୍କୁଲ ଟିମ୍ କିଡସ୍ (ବାଘଡା ରୋଡ଼ ଓ ମୁର୍ଗାବାଡି) ଆନୁକୂଲ୍ୟରେ ସହିଦ ସ୍ମୃତି ଭବନରେ ୧୩ତମ ବାର୍ଷିକ ଉତ୍ସବ 'ବାଲ ମହୋତ୍ସବ ୨୪' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ୟୁଏସଏ ଲୁଇସିଆନାର କେମିକାଲ ପ୍ରସେସ୍ ଇଂଜିନିୟର ଡ. ଆକାଶ ଜେନା ସମ୍ମାନିତ ଅତିଥି ଓ ଶିଳ୍ପପତି ତଥା ସମାଜସେବୀ ଆଲୋକ କୁମାର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଟିମ୍ କିଡସ୍‌ର ଉପଦେଷ୍ଟା ଯତୀନ୍ଦ୍ର ମୋହନ ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଶିଷ କୁମାର ବସା, ନାଟ୍ୟକାର ଓ ସମାଜସେବୀ ପ୍ରଜ୍ଞା ପରମିତା ପଣ୍ଡା, ଗୀତିକବି ଓ ଅବସରପ୍ରାପ୍ତ ଶିକ୍ଷକ ବଳରାମ ନାଥ ବିଭିନ୍ନ ସ୍ତରରେ ତାଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଦୁଇ ସ୍କୁଲର ଦୁଇ ବିଜେତା ରଶ୍ମିରେଖା ସିଂ ଓ ସ୍ୱରନ୍ୟା ବିଶ୍ୱାଳଙ୍କୁ ଟ୍ରଫି, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଅସିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅନୁଷ୍ଠାନର ଶିକ୍ଷା ଉପଦେଷ୍ଟା ଉର୍ବଶୀ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଉଷାରାଣୀ ମହାନ୍ତି, ଭାରତୀ ମହାନ୍ତ, ମଧୁମିତା ଦେ, ସାହିନିତା ଶୁଭଦର୍ଶୀନି ନାଏକ, ରେଖା କୁମ୍ଭକାର, କାମିନୀ ବେହେରା, ସସ୍ମିତା ସୁର, ଦେବୀକା ମୈତ୍ର, ମୋନାଲିସା ବେହେରା ଓ ଜୋଜିତା ଦିଗାର ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।



# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ସମ୍ବର୍ଦ୍ଧନା ସଭା

କରଞ୍ଜିଆ, ୬।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟସାରା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ସହିତ ଓଡ଼ିଆ ଭାଷାର ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଏହି



ଉପଲକ୍ଷେ ଆଜି ସନ୍ଧ୍ୟାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଏକ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାବେଶ ଅନୁଷ୍ଠିତ ହୋଇଯାଇଛି. ସାହିତ୍ୟ ସଭାରେ କରଞ୍ଜିଆ ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ ସଭାପତିତ୍ୱ କରିଥିଲେ। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ସରୂପ କୁମାର ପରିଜା, କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସଦର ସମ୍ପାଦକ ଡ଼ଃ ଭାଗବତ ଲେଙ୍କା ମଞ୍ଚାସୀନ ହୋଇ ଓଡ଼ିଆ ଭାଷାର ସ୍ଥିତି ଓ ପ୍ରଗତି ଉପରେ ବକ୍ତବ୍ୟ ଦେଇଥିଲ। ଅନ୍ୟ ଅତିଥିମାନେ ଓଡ଼ିଆ ଭାଷାର ପ୍ରାଚୀନତା ଓ ମହାନତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଗାଳ୍ପିକ ଓ କବି ବଳଭଦ୍ର ପଣ୍ଡା, ଇଟର୍ନିଟି ଅନ୍ତର୍ରାଷ୍ଟ୍ରୀୟ ଇଂରାଜୀ ପତ୍ରିକା ଓ ଅଙ୍କୁର ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ, ଓଡ଼ିଆ ଭଜନ ଗୀତିକାର କାଳିଆପ୍ରେମୀ ଉମେଶ ପତି, ଭକ୍ତି ମଳୟ ପତ୍ରିକାର ସମ୍ପାଦକ ରବୀନ୍ଦ୍ର ମହାନ୍ତ, କରଞ୍ଜିଆ ସାହିତ୍ୟ ସଂସଦର ସଭାପତି ଭରତ ଚନ୍ଦ୍ର ଦାଶ, ଗାଳ୍ପିକ ମିତ୍ରଭାନୁ ତନ୍ତୀ, ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତୀ ବାରିକ, ଡ. ଜ୍ୟୋତିର୍ମୟୀ ତ୍ରିପାଠୀ, ଇଂ. ତ୍ରିଲୋଚନ ସେଠୀ, ସାମ୍ବାଦିକ ଉମାଶଙ୍କର ଦାସ, ଅଧ୍ୟାପକ ଯଯାତି କିଶୋର ମହାନ୍ତ, ରାଜଶ୍ରୀ ମହାନ୍ତ, ଛତିଶ ଚନ୍ଦ୍ର ବାରିକ ମନୋହର ପାତ୍ର, ସଚ୍ଚିଦାନନ୍ଦ ସାହୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନଏସି ଉପାଧ୍ୟକ୍ଷ ସରୂପ କୁମାର ପରିଜା ଧନ୍ୟବାଦ ଦେଇଥିଲେ।

**ଶୁକୁଳି:** ସୋମବାର ଶୁକୁଳି ସ୍ନାତକ ମହାବିଦ୍ୟାଳୟରେ ପ୍ରଥମ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ସଭାପତି ମନ୍ମଥ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା କୁମାରୀ କବିତା ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋଲକ ନାୟକ ଓ ମୁଖ୍ୟବକ୍ତା ଶିକ୍ଷାବିତ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ଭାଷା ହିଁ ଭବିଷ୍ୟତ ସମ୍ପର୍କରେ ଆଲୋଚନା ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ନୋଡାଲ ଅଫିସର ଓଡ଼ିଆ ବିଭାଗର ମୁଖ୍ୟ ସରୋଜ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଜନାର୍ଦ୍ଦନ ମହାନ୍ତ, ଅଧ୍ୟାପକ ବିଶ୍ୱରଞ୍ଜନ ମାଝୀ, ଅଧ୍ୟାପକ ଶୁଭେନ୍ଦୁ ଗିରି, ଅଧ୍ୟାପିକା ବିଦ୍ୟୁତ ପ୍ରଭା ପୃଷ୍ଟି, ଅଧ୍ୟାପିକା ମିନାକ୍ଷୀ ଦାସ, ଅଧ୍ୟାପିକା ରଶ୍ମିତା ଗିରି, ଅଧ୍ୟାପିକା ଲୀନା କୁମାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




## ନଳକୂପ ସ୍ଥାପନର ୫ ବର୍ଷ ପରେ ବି ଚାନ୍ଦିନୀ ନାହିଁ



କୁଆମରା, ୬।୨(ସମିସ): ନଳକୂପ ସ୍ଥାପନ ହେବାର ୫ ବର୍ଷ ବିତିଯାଇଥିଲେ ହେଁ ଆଜିଯାଏ ଚାନ୍ଦିନୀ ନିର୍ମାଣ ହୋଇପାରିନାହିଁ। ନଳକୂପ ଖନନ ଓ ସ୍ଥାପନ ହେବାର ଦୁଇ ସପ୍ତାହ ମଧ୍ୟରେ ଚାନ୍ଦିନୀ ନିର୍ମାଣ କରିବାର ନିୟମ ଥିଲେ ମଧ୍ୟ ବିଭିନ୍ନ ପଞ୍ଚାୟତରେ ଚାନ୍ଦିନୀ ନ ଥିବା ଦେଖିବାକୁ ମିଳିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଆନ୍ତରିକତା ଅଭାବରୁ ଚାନ୍ଦିନୀ ନିର୍ମାଣ ହୋଇପାରୁ ନ ଥିବାରୁ ଲୋକେ ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି। ଫଳରେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। କୁଆମରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଗତ ଡିସେମ୍ବର ମାସରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଏ ନେଇ ବିଭାଗର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳୁନି। ଚାନ୍ଦିନୀ ନ ଥିବାରୁ ନଳକୂପ ଚାରି ପଟେ ଆବର୍ଜନା ଓ ଗୋଳିଆ ପାଣି ଜମି ରହୁଛି। ଏଥିପ୍ରତି ଜିଲ୍ଲା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



**କେନ୍ଦୁଝର, ୬।୨(ସମିସ):** ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବସନ୍ତ କୁମାର ସେଠୀ କେନ୍ଦୁଝରଗଡ଼ ପୌରପାଳିକାର ନୂତନ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ତାଙ୍କର ଯୋଗଦାନ ପରେ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦାୟିତ୍ୱ ଗ୍ରହଣ ପରେ ସେ ପୌରାଧ୍ୟକ୍ଷାଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନାର କିପରି ସଫଳ ରୂପାୟନ ହୋଇପାରିବ ଏବଂ ଜନସାଧାରଣ କିପରି ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ସେ ଦିଗରେ ନିଷ୍ଠାର ସହ କାର୍ଯ୍ୟକରିବେ ବୋଲି ପ୍ରକାଶ କରିଛନ୍ତି। ବିଶେଷତଃ ପରିମଳ ବ୍ୟବସ୍ଥା, ଉନ୍ନୟନ ମୂଳକ ଓ ଜନହିତକର କାର୍ଯ୍ୟ ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଶ୍ରୀ ସେଠୀ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ରେଜିଷ୍ଟ୍ରର (ଆଡ୍‌ମିନିଷ୍ଟ୍ରେସନ), ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

### ଦ୍ୱିତୀୟ ବିବାହ କରି ଯୁବକ ଯୁବତୀ ଫେରାର

## ଥାନାରେ ଅଭିଯୋଗ କଲେ ପ୍ରଥମ ପତ୍ନୀ

**ବେଲବାହାଲି, ୬।୨(ସମିସ)**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଘସିପୁରା ଥାନା ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡ଼ା ଗ୍ରାମରେ ଜଣେ ଯୁବକ ଦ୍ୱିତୀୟ ବିବାହ କରି ଏବେ ଫସିଯାଇଛନ୍ତି। ପ୍ରଥମ ପତ୍ନୀଙ୍କୁ ମାଡ଼ମାରି ଘରୁ ବାହାର କରି ନିଜ ପ୍ରେମିକାକୁ ଦ୍ୱିତୀୟ ବିବାହ କରି ଫେରାର ଥିବା ପ୍ରଥମ ପତ୍ନୀ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଟୋଲଙ୍କପଡା ଗ୍ରାମର ନିରଞ୍ଜନ ସାହୁଙ୍କ ସାନପୁଅ ଦେବାଶିଷ ସାହୁ ଗତ ୯ବର୍ଷ ପୂର୍ବେ ଦରଡିପାଳ ପଞ୍ଚାୟତ ମଙ୍ଗଳପୁର ଗ୍ରାମର କନ୍ୟା ସ୍ୱର୍ଣ୍ଣଲତା ସାହୁଙ୍କୁ ମାନ୍ୟ ସ୍ୱରୁପ ବିଧିମତ ଭାବେ ବିବାହ କରିଥିଲେ। ଉଭୟ ଦମ୍ପତିଙ୍କ ମଧ୍ୟରେ ୬ବର୍ଷ ହେଲା ସୁ ବୁଝାମଣା ଭଲରେ କଟିଥିଲା। ଗତ ୩ ବର୍ଷ ହେବ କୌଣସି ଏକ କାରଣ ଯୋଗୁ ଉଭୟ ମଧ୍ୟରେ ପାରିବାରିକ କଳହ ସୃଷ୍ଟି ହୋଇଥିବା ବେଳେ ଦେବାଶିଷ ସାହୁ ନିଜ ପତ୍ନୀ ଙ୍କୁ ଦୀର୍ଘ ୧୫ ଦିନ ହେବ ଖାଇବା ପିଇବା ନଦେଇ ବିନା କାରଣରେ ମାଡ଼ ମାରି ନେଇ ତାଙ୍କ ଘରେ ଛାଡ଼ି ଦେଇଥିଲେ ଏନେଇ ସ୍?ର୍ଣ୍ଣଲତା ଘଷିପୁରା ଥାନାରେ ଏକ ଲିଖିତ ଅଭିଯୋଗବି ମଧ୍ୟ ଦେଇଥିଲେ। ହଠାତ ପ୍ରଥମ ସ୍ତ୍ରୀକୁ ନଜଣାଇ ସ୍ୱାମୀ ଦେବାଶିଷ ସାହୁ ସେହି ଗ୍ରାମର ଅନନ୍ତ ଚରଣ ଖୁଣ୍ଟିଆଙ୍କ ସାନ ଝିଅ ପିଙ୍କିଲି ଖୁଣ୍ଟିଆ ଙ୍କୁ ଉଠାଇ ନେଇ ମନ୍ଦିରରେ ବିବାହ କରିଥିଲେ। ଖବର ପାଇ ପ୍ରଥମ ସ୍ତ୍ରୀ ସ୍ୱର୍ଣ୍ଣଲତା ସାହୁ ଘସିପୁରା ଥାନାରେ ପୁଣି ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ଘସିପୁରା ଥାନା ଅଧିକାରୀ ସୁନୀଲ କୁମାର କରଙ୍କ ନିର୍ଦ୍ଦେଶ କ୍ରମେ କେସ୍ ନଂ ୧୦୪/୨୪ ରେ କେସ୍ ରୁଜୁକରି ଏ ସ ଆଇ ମାନସ ରଞ୍ଜନ ବେହେରା ଘଟଣାର ସଠିକ ତଦନ୍ତ ଆରମ୍ଭ କରି ଗ୍ରାମକୁ ଯାଇ ପଚରା ଓଚରା କରିଥିବା ଦେଖିବାକୁ ମିଳିଛି।



## ବୁଝାମଣା ପରେ ଉଠିଲା ଗାଡ଼ି

**ସୋସୋ, ୬।୨(ସମିସ):** ହାଟଡିହି ବ୍ଲକର ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥର ହାଟଡିହି ବ୍ଲକ ମରେଗାଁ-ବସନ୍ତିଆ ଛକ ମଝିରେ ଗତ ୩ ତାରିଖ ରାତିରେ ହାଇୱା ଗାଡିଟି ଭାରସାମ୍ୟ ହରାଇ କିଶୋର ଭୋଳଙ୍କ ଜଳଖିଆ ଦୋକାନରେ ପଶିଯାଇ ଦୋକାନ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଦେବା ସହିତ ଘର ଭିତରେ ଥିବା ଆସବାବପତ୍ର ନଷ୍ଟ କରିଦେଇଥିଲା। ଯାହାକି ଲକ୍ଷାଧିକ ଟଙ୍କାର ଘର ଓ ସମ୍ପତ୍ତି ଭାଙ୍ଗିଯାଇ ଚୂରମାର ହୋଇଯାଇଥିଲା। ଏହାକୁ ନେଇ କିଶୋର ଭୋଳ କ୍ଷତିପୁରଣ ଦେବାକୁ ଦାବି କରି ଗାଡ଼ି ଆଗରେ ବସି ଗାଡିକୁ ଛାଡି ନଥିଲେ। ମଙ୍ଗଳବାର ଦୁଇ ପକ୍ଷଙ୍କ ମଧ୍ୟରେ ସମାଧାନ ହେବାରୁ ଗାଡିଟିକୁ ନନ୍ଦିପଦା ପୁଲିସ ଘଟଣାସ୍ଥଳକୁ ଆଣି ଥାନାରେ ରଖିଛନ୍ତି।

## ହାତୀପଲ ଦେଖିବାକୁ ପ୍ରବଳ ଭିଡ



**ନାରଦପୁର, ୬।୨(ସମିସ):** ବଡବିଲ ରେଞ୍ଜ ଅନ୍ତର୍ଗତ ବିଲେଇପଦା ସେକ୍ସନର କାହ୍ନୁପୁର ଜଙ୍ଗଲରେ ଆଜି ୧୧ ଟିକିଆ ହାତୀପଲ ଦେଖିବାକୁ ପ୍ରବଳ ଭିଡ ଜମିଥିଲା। ଗତ ରାତିରେ ଚମ୍ପୁଆ ରେଞ୍ଜ ମିରିଗିସିଙ୍ଗା ଅଞ୍ଚଳରୁ ବୈତରଣୀ ନଦୀ ପାର ହୋଇ ୧୧ ଟିକିଆ ହାତୀପଲ ଆସିଛନ୍ତି। ତେବେ ସକାଳ ହୋଇଯିବାରୁ ଲୋକେ ଉକ୍ତ ଜଙ୍ଗଲ ଚାରିପଟେ ଜଗି ରହିବାରୁ ହାତୀପଲ କୁଆଡେ ଯାଇ ନ ପାରି ଉକ୍ତ ଜଙ୍ଗଲରେ ହିଁ ରହିଥିଲେ। ତେବେ ଜଙ୍ଗଲ ଚାରିପାଖ ଗାଁ ରହିବାରୁ ବହୁ ପୁରୁଷ ଓ ମହିଳା ମାନେ ହାତୀପଲ ଦେଖିବାକୁ ସୁଅ ଛୁଟିଥିଲା। ଉପସ୍ଥିତ ରହିଥିବା ହାତୀସ୍କାର୍ଡ ଙ୍କ କଥା ମଧ କେହି ନ ମାନି ପ୍ରବଳ ଭିଡ ଜମାଇଥିଲେ। ଏହି ହାତୀପଲ ଖାଦ୍ୟ ଅନେଷଣରେ ବିଭିନ୍ନ ଗାଁ ନଦୀ କୂଳରେ କରାଯାଇଥିବା ପନିପରିବା ଚାଷକୁ ଖାଇବା ସହିତ ନଷ୍ଟ କରୁଥିବା ଗ୍ରାମବାସୀ କହିଛନ୍ତି। ବନ ବିଭାଗ ଦୃଷ୍ଟିଦେଇ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ସନ୍ଦିଗ୍ଧ ୨ଜଣଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ହାଟଡ଼ିହୀ, ୬।୨(ସମିସ):** ନନ୍ଦିପଦା ଥାନା ଅଧୀନ ମଠକପୁଣ୍ଡି ସ୍ଥିତ କୁଣ୍ଡିସାହି ଗ୍ରାମର ସନାତନ ମୁଦୁଲିଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଡକାୟତି ମାନେ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଲଙ୍କାର ସହ ନଗଦ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସନାତନ ମୁଦୁଲି ରବିବାର ସକାଳେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ବିଳମ୍ବିତ ରାତିରେ ଗ୍ରାମରୁ ୨ଜଣ ଯୁବକଙ୍କ ସ୍ୱଭାବରେ ସନ୍ଦେହ କରି ପରିବାର ସହ ଗ୍ରାମର କିଛି ଯୁବକ ସେମାନଙ୍କୁ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଭାବି ଅଟକ ରଖିଥିଲେ। ଆଜି ସକାଳୁ ଗ୍ରାମବାସୀ ସେମାନଙ୍କୁ ପୁଲିସରେ ଜିମା ଦେଇଛନ୍ତି। ପୁଲିସ ଉକ୍ତ ୨ଜଣ ଯୁବକ ତଥା ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତେବେ ଖବର ଲେଖାଯିବା ଯାଏଁ ସେମାନେ ପ୍ରକୃତରେ ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ କି ନୁହଁ ତାହା ପୁଲିସ ପକ୍ଷରୁ ସ୍ପଷ୍ଟୀକରଣ ହୋଇନାହିଁ। ପ୍ରକାଶ ଥାଉକି, ନିକଟସ୍ଥ ଅସିଆ ଗ୍ରାମର ରବି ମହାକୁଡ଼ ନାମକ ବ୍ୟକ୍ତିଙ୍କ ସମ୍ପର୍କୀୟ ବୋଲି ଅଟକ ଯୁବକଙ୍କ ପରିବାର ଲୋକେ କହିଛନ୍ତି। ତେବେ ଯୁବକ ଦ୍ୱୟଙ୍କ ଘର ହରିଚନ୍ଦନପୁର ଥାନା ତାଳଡ଼ିହି ଗ୍ରାମର ୨ନଂ ୱାଡର୍‌ରେ ବୋଲି ଜଣାପଡ଼ିଛି। ଅଟକ ୨ଜଣ ଯୁବକଙ୍କ ମଧ୍ୟରୁ ଜଣେ ଗଣେଶ୍ୱର ମହାକୁଡ଼ଙ୍କ ପୁଅ ଚକ୍ର ମହାକୁଡ଼(୨୨) ହୋଇଥିବା ବେଳେ ସେ ପେଶାରେ ଜଣେ ପିକଅପ୍ ଡ୍ରାଇଭର ବୋଲି ଗଣେଶ୍ୱର କହିଛନ୍ତି। ଅନ୍ୟଜଣେ ଗୋବିନ୍ଦ ମହାକୁଡ଼ଙ୍କ ପୁଅ ମୁକେଶ ମହାକୁଡ଼(୨୨) ହୋଇଥିବା ବେଳେ ସେ ପେଶାରେ ଜଣେ ଅଟୋ ଡ୍ରାଇଭର ବୋଲି ତାଙ୍କ ମାଆ ମିନତୀ ମହାକୁଡ଼ କହିଛନ୍ତି।

## ୧୦ରେ ଅଣାଧ୍ୱନି ମଠରେ ମନ୍ଦିର ପ୍ରତିଷ୍ଠା

**ସୋସୋ, ୬।୨(ସମିସ):** ହାଟଡିହୀ ବ୍ଲକର ଅଣାଧ୍ୱନି ମଠ ପରିସରରେ ଶ୍ରୀଶ୍ରୀ ଅଣାକାରେଶ୍ୱରାୟ ମନ୍ଦିରରେ ଆସନ୍ତା ୧୦ ତାରିଖରେ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେବ। ୧୦ ତାରିଖ ଶୁଭାଧିବାସ, ଅଙ୍କୁରାରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଥିବାବେଳେ ୧୧ ତାରିଖରେ ସୂର୍ଯ୍ୟ ପୂଜା, ଗୁରୁପୂଜା, ଦେବାଳୟ ପ୍ରତିଷ୍ଠା, ତ୍ରିଶୂଳ ଓ ଧ୍ୱଜ ଗ୍ରାମ ପରିକ୍ରମା ତଥା ମନ୍ଦିର ସ୍ଥାପନ, ୧୨ ତାରିଖରେ ନୈମିତିକ ପୂଜନ, ମଣ୍ଡପସ୍ଥ ଦେବାଦେବୀ ପୂଜନ, ଶ୍ରୀଗୀତା ଓ ଚଣ୍ଡିପାଠ ସହଆହୁତି ପ୍ରଦାନ ଇତ୍ୟାଦି କାର୍ଯ୍ୟକ୍ରମ ହେବା ନେଇ ଅଣା ଗ୍ରାମବାସୀ ଓ ଅଣା ଧ୍ୱନିମଠ ଭକ୍ତ ବୃନ୍ଦ ସୂଚନା ଦେଇଛନ୍ତ।

## ଶ୍ରୀଅରବିନ୍ଦ ବିଦ୍ୟାପୀଠର ବାର୍ଷିକ ଉତ୍ସବ

**ସୋସୋ, ୬।୨(ସମିସ):** ହାଟଡିହୀ ବ୍ଲକର ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାପୀଠ ସଢ଼ାର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମି ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଞ୍ଚାୟତର ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ମୁଖ୍ୟବକ୍ତା ହାଟଡିହୀ ଓଷ୍ଟାର ସମ୍ପାଦକ ଶିଶିର କୁମାର ବିଶ୍ୱାଳ, ବିଶେଷ ଅତିଥି ଓଷ୍ଟା ସଂଘର ରାଜ୍ୟ ସହସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ସମ୍ମାନିତ ଅତିଥି ପୂର୍ବତନ ଖେଳ ଶିକ୍ଷକ ଗଣନାଥ ସା, ପୂର୍ଣ୍ଣଚନ୍ଦ୍ର ଦାସ, ଅନିରୁଦ୍ଧ ସେଠୀ, ଆନନ୍ଦଚନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର କ୍ରୀଡ଼ାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପାର୍ଥସାରଥି ବେହେରା ଓ ଗୀତାଞ୍ଜଳି ସେଠୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷକ ନବଘନ ନାୟକ, ନୟନବାଳା ନାୟକ, ହରିହର ପଣ୍ଡା, ସ୍ୱାତି ସୁଚରିତା ବେହେରା, ସୁଷମା ମିଶ୍ର, ଆରତୀ ବେହେରା, ନିବେଦିତା ଚନ୍ଦ୍ରକଳା ଦେବୀ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ନିଳାଦ୍ରୀ କୁମାର ରାଉତ ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।

## ଭୂତପଦାରେ ଶିଶୁତରଙ୍ଗ କାର୍ଯ୍ୟକ୍ରମ



**ହାଟଡ଼ିହୀ, ୬।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଇଞ୍ଚୋଳ ପଞ୍ଚାୟତ ଭୂତପଦା ଠାରେ ଆସ୍ୱାୟାର ପକ୍ଷରୁ ଶିଶୁତରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ସାବତ ଏଥିରେ ସଭାପତିତ୍ୱ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତା ଭାବେ ରହିଥିବା ପ୍ରତିଭା ଯଥା ମଧ୍ୟରୁ ନାଚ, ଗୀତ, ଚିତ୍ରାଙ୍କନ, ଆର୍ଟ ଏବଂ କ୍ରାଫ୍ଟ, ମ୍ୟୁଜିକ୍ ଚେୟାର ଭଳି ପ୍ରତିଯୋଗିତା ପ୍ରଦର୍ଶନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସୁଜାତା ମଞ୍ଜରୀ ନାଥ, ଆସ୍ୱାୟର ସଦସ୍ୟ ପ୍ରଦୀପ କୁମାର ସା, ରଜେଶ୍ୱର ନାୟକ, ଅରବିନ୍ଦ ସାହୁ ଏବଂ ବିଧାୟକ ପରିଚାଳନା ସମିତିର ସଦସ୍ୟ ଅଭିମନ୍ୟୁ ସା, ନାରାୟଣ ସା ପ୍ରମୁଖ ପରିଚାଳନା କରିଥିଲା ବେଳେ ଏଥିରେ ଗ୍ରାମବାସୀ ମାନେ ସହଯୋଗ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଯଦୁବଂଶୀ ମଗଧା ଗୋପାଳ ସମ୍ମିଳନୀ

**ନାରରଦପୁର, ୬।୨(ସମିସ):** ଯୋଡା ବ୍ଲକ ଅନ୍ତର୍ଗତ କଣ୍ଡରା ପଞ୍ଚାୟତ ରାମଚନ୍ଦ୍ରପୁର (ରଘୁଆଳସାହି) ଠାରେ ଆଜି ଯଦୁବଂଶୀ ମଗଧା ସମ୍ମିଳନୀ ସମାଜସେବୀ ରତନ ଲାଲ ଗୋପ ହାତନାବେଡା ଝାଡଖଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶକ ରାଜ କିଶୋର ଗୋପ, ବିଶିଷ୍ଟ ଅତିଥି କେନ୍ଦୁଝର ଓୟୁଜେ ଜିଲ୍ଲା ସଭାପତି କ୍ଷେତ୍ରବାସୀ ମହାକୁଡ, ସମ୍ମାନିତ ଅତିଥି ଭାବେ କୋର କମିଟି ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୋପ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାକୁଡ, ପଞ୍ଚାନନ ମହାକୁଡ, କୃଷ୍ଣଚନ୍ଦ୍ର ମହାକୁଡା, ଦୋଳଗୋବିନ୍ଦ ମହାକୁଡ, ଜିତେନ୍ଦ୍ର ଗୋପ, ଶୈଳେଶ ମହାକୁଡ, ମହେନ୍ଦ୍ର ପ୍ରସାଦ ଗୋପ, କୁନା ମହାକୁଡ, ରଘୁନାଥ ମହାକୁଡ, ଅକ୍ଷୟ କୁମାର ମହାକୁଡ, ବଳଭଦ୍ର ମହାକୁଡ, ଯୋଗେଶ୍ୱର ମହାକୁଡ ମନ୍ଦୋଦରି ମହାକୁଡ, ଡାଳିମ୍ବ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିମାଣାଧୀନ ମା'ସମଲେଶ୍ୱରୀ ମନ୍ଦିର କିପରି ଖୁବଶିଘ୍ର ସଂପୂର୍ଣ୍ଣ ହେବ ସେ ଦିଗରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାଡଖଣ୍ଡ ରାଜ୍ୟ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଗୋପାଳ ସମ୍ପ୍ରଦାୟର ବହୁ ପ୍ରମୁଖ ଅଧିକାରୀ ଓ ଗ୍ରାମବାସୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଂପନ୍ନ କରିଥିଲେ।



## ବସ୍ତି ବାସିନ୍ଦାଙ୍କୁ ସଚେତନତା କାର୍ଯ୍ୟକ୍ରମ

**ଯୋଡ଼ା, ୬।୨(ସମିସ):** ଯୋଡ଼ା ପୌରାଞ୍ଚଳରର ୧ନଂ ୱାର୍ଡ ଶାସ୍ତ୍ରୀନଗର ଠାରେ ଥିବା ପରିଚୟ ଗୃହରେ ବସ୍ତିବାସିନ୍ଦାଙ୍କ ବିକାଶ ଓ ରାଜ୍ୟ ସରକାରଙ୍କ ସଂକଳ୍ପକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଲମ ଡେଭଲପମେଣ୍ଟ ଆସୋସିଏସନର ସଭାପତି ସୁକାନ୍ତ ବାନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ଏଥିରେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୧ନଂ ୱାର୍ଡର କାଉନସିଲର ଭାନୁମତି ବାନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ରମେଶ ଚନ୍ଦ୍ର ଦଳେଇ, ଗୋପାଳ ଚନ୍ଦ୍ର ସାହୁ, କେଏମ୍ ବେହେରା ଓ ପଦ୍ମିନୀ ବେହେରା ଯୋଗଦେଇ ସ୍ଲମ ଅଞ୍ଚଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଇଥିଲେ। ୧ନଂୱାର୍ଡରେ ଶାସ୍ତ୍ରୀନଗର, ତଳକ ହାଟିଂ, ନେପାଳୀ ହାଟିଂ ଓ ତାରିଣୀ ହାଟିଂ ପରି ଚାରୋଟି ସ୍ଲମ ଗଠିତ ହୋଇଥିବା ବେଳେ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଭାବେ ରାସ୍ତା, ଆଲୋକୀ କରଣ, ପାର୍କ ନିର୍ମାଣ, ବ୍ୟାୟାମଶାଳା, ଫେବର ବ୍ଲକ ରାସ୍ତା, ସ୍ଲାବ୍ କଭର ଥିବା ଡ୍ରେନ ନିର୍ମାଣ, ଖାଲି ସ୍ଥାନ ସୌନ୍ଦର୍ଯ୍ୟକରଣ ଓ ପାନୀୟ ଜଳ ଯୋଗାଣ ପରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପାଦନ ହୋଇଥିବା ଉପସ୍ଥିତ ଅତିଥି ବୃନ୍ଦ କହିଥିଲେ। ଯୋଡା ପୌରାଞ୍ଚଳର ୧୪ଗୋଟି ୱାର୍ଡରେ ସମୁଦାୟ ୩୭ଟି ସ୍ଲମ ଅଞ୍ଚଳ ଥିବା ବେଳେ ଶାସ୍ତ୍ରୀନଗର ଓ ନେପାଳୀ ହାଟିଂ ସ୍ଲମକୁ ବିଜୁ ଆଦର୍ଶ କଲୋନୀର ମାନ୍ୟତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ମୁଖ୍ୟଅତିଥି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ରଙ୍ଗୋଲୀ, ବଲ୍ ଥ୍ରୋ ଓ ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତାମୂଳକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଖେଳ ଶେଷରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ୨୨ ବର୍ଷ ତଳର ସ୍ମୃତି ସାଉଁଟିଲେ ସହପାଠୀ



**ରାମଚନ୍ଦ୍ରପୁର, ୬।୨(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତି ଦରିଦ୍ର ନାରାୟଣ ହାଇସ୍କୁଲର ୨୦୦୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରମାନଙ୍କୁ ନେଇ ଗଁପୁର ରଘୁନାଥଜୀଉ ଆଶ୍ରମ ପରିସରରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ନେତା ମନୋଜ ଓଝାଙ୍କ ସଂଯୋଜନାରେ ଶହେରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଏବଂ ପରିବାର ବର୍ଗ ଯୋଗ ଦେଇ ୨୨ ବର୍ଷ ତଳର ବିଦ୍ୟାଳୟ ସ୍ମୃତିକୁ ମନେ ପକାଇଥିଲେ। ପ୍ରଥମେ ଦିବଂଗତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ପୁରାତନ ଛାତ୍ରଛାତ୍ରୀ ମାନେ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରିଥିଲେ। ପୁରାତନ ଛାତ୍ର ମାନେ ନିଜ ନିଜର କର୍ମମୟ ଜୀବନରୁ ସମୟ ବାହାର କରି ପରିବାର ସହିତ ନିଜ ନିଜ ମଧ୍ୟରେ ବିଦ୍ୟାଳୟର ସ୍ମୃତି ଆଦାନ ପ୍ରଦାନ କରିଥିଲେ। ବନ୍ଧୁମିଳନ ପରିଚାଳନାରେ ସତିଶ ରଞ୍ଜନ ସ୍ୱାଇଁ, ସୌମେନ୍ଦ୍ର ସ୍ୱାଇଁ, ଦେବାଶିଷ ଗୁରୁ, ଶୁଭାଶିଷ ନାୟକ, ଜଗମୋହନ ସାହୁ, ଶଶିଭୂଷଣ ପାଣିଗ୍ରାହୀ, ଜ୍ୟୋତିଶଙ୍କର ସାହୁ, ନିବେଦିତା ସେଠୀ, ଚିନ୍ମୟୀ ସାହୁ, ମମତା ସାହୁ, ହେମଲତା ବେହେରା, ଆଶିଷ ଦାସ, ପରେଶ ଜେନା, ଅମିୟ ଦାସ, ପ୍ରିୟବ୍ରତ ରାଉଳ, ଝୁମୁରୀବାଳା ପୃଷ୍ଟି, ଟୁନୀ ଓଝା, ଗାୟତ୍ରୀ ସେନାପତି, ସମେତ ସମସ୍ତ ଛାତ୍ରଛାତ୍ରୀ ପରିବାର ସହ ଏହି ବନ୍ଧୁମିଳନ ଉତ୍ସବରେ ସାମିଲ ହୋଇଥିଲେ।

## ପୁରସ୍କାର ବିତରଣୀ ଉତ୍ସବ

**ସୋସୋ, ୬।୨(ସମିସ):** ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ କାନପୁର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରିଡାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିନୀତା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବିଇଓ ଧନେଶ୍ୱର ଖଣ୍ଡେଇ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଏବିଇଓ ପ୍ରମୋଦ କୁମାର ନାୟକ, କମିଟି ଚେୟାରମ୍ୟାନ ସରୋଜ କୁମାର ରାଉତ, ଶିକ୍ଷକ ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ମାତୃଭାଷା ଦିବସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ସୁବର୍ଣ୍ଣ ବେହେରା, ସୁଜାତା ଜେନା, ବିଦ୍ୟୁତପ୍ରଭା ଜେନା, ସୁଚିସ୍ମିତା ମିଶ୍ର, ସୁନନ୍ଦା କୁମାରୀ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିବା ବେଳେ କମିଟିର ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ।

## ଆନନ୍ଦପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୬।୨ (ସମିସ):** ଆନନ୍ଦପୁରର ଶାଳପଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଶିକ୍ଷୟିତ୍ରୀ ପ୍ରୀତିପ୍ରଭା ପଣ୍ଡା ସଭାକୁ ସଞ୍ଚାଳନ କରିଥିଲେ। ସଂଗୀତ ଶିକ୍ଷକ ଯଶୋବନ୍ତ ପାଢୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ପରେ ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାୟକ, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ, ସହକାରୀ ଶିକ୍ଷା ଅଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ମୁଖ୍ୟବକ୍ତା ଭାବେ ଭଦ୍ରକ ମହାବିଦ୍ୟାଳୟର ପ୍ରାଧ୍ୟାପକ କମଳାକାନ୍ତ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିକ୍ଷକ ମୀନକେତନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀ ଆରତୀ ସାହୁ, ପ୍ରୀତିନନ୍ଦା ରାଉତ, ସାଗରିକା ଜେନା, ସ୍ମୃତିରାଣୀ ବାରିକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଦେବାଶିଷ ଦାଶ, ଅଜୟ ସାହୁ, ପ୍ରଭାସ ରଞ୍ଜନ ଦାଶ, ଗୋବିନ୍ଦ ଚନ୍ଦ୍ର ଦାଶ, ସିପୁନୁ ସାହୁ, ଶିକ୍ଷୟତ୍ରୀ ବିଦ୍ୟୁତପ୍ରଭା ସାହୁ, ସରୋଜିନୀ ସମାପିକା, ସାଗରିକା ଜେନା, ଶୁଭସ୍ମୀ ମହାନ୍ତି, ସୁଶ୍ରୀ ସଂଗୀତା ସାହୁ, ଶୁଭସ୍ମୀ ନନ୍ଦ ସହଯୋଗ କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ରାମଚନ୍ଦ୍ରପୁର, ୬।୨ (ସମିସ)**

ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ପଞ୍ଚାୟତରେ 'ଆମ ଓଡିଶା, ନବୀନ ଓଡିଶା' କାର୍ଯ୍ୟକ୍ରମରେ ଏକ ପଞ୍ଚାୟତସ୍ତରୀୟ ଜନ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଦନପୁର ସରପଞ୍ଚ ହିମାଂଶୁ ଶେଖର ଯେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଡିଓ ମାନସ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଲକ୍ଷ୍ମୀପ୍ରିୟା ଜେନା, ବିଏଲସି ସୌଭାଗିନୀ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀରଂଜନ ମହାରଣା, ଗ୍ରାମରୋଜଗାର ସେବକ ଆଶ୍ରିବାଦ ଚକ୍ର, ପୂର୍ବତନ ସରପଞ୍ଚ ପରେଶନାଥ କୁଅଁର, ସମିତିସଭ୍ୟା ମାମିନା ସାହୁ, ମହିଳା ମଣ୍ଡଳ ଗ୍ରୁପର ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବରିପାଳ ଏବଂ ସାମୁକାନେଣ୍ଡି ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିପାଳ ସରପଞ୍ଚ ପଦ୍ମନାଭ ସାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବିଡିଓ ମାନସରଞ୍ଜନ ସାମଲ, ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ପଙ୍କଜ ସାହୁ ପ୍ରମୂଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଲୋକକଳା, ଦେଶାତ୍ମବୋଧକ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ସେହିପରି ଶାମୁକାନେଣ୍ଡି ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ପାତ୍ର, ସମିତିସଭ୍ୟ ଅକ୍ଷୟକୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ହାଟଡ଼ିହୀ/ସୋସୋ:** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ହାଟଡିହୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଧନୁର୍ଜୟପୁର ପଞ୍ଚାୟତର ସରପଞ୍ଚ ସର୍ଦ୍ଦାର ହୋଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ ଓ ପିଇଓ ଅମିୟ କୁମାର ମାଝୀ, ଜିଆରଏସ ବିନୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ କାଳିଆ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସଜୀବୀ କଲ୍ୟାଣ ଯୋଜନା, ବିଜୁ ପକ୍କାଘର ଯୋଜନା, ମମତା ଯୋଜନା, ବିଜୁ ଜ୍ୟୋତି ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, '୫-ଟି'ରେ ସ୍କୁଲ୍-କଲେଜ୍ ରୂପାନ୍ତରଣ ଯୋଜନା, ହରିଶ୍ଚନ୍ଦ୍ର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ପଞ୍ଚାୟତସ୍ତରର ଲୋକଙ୍କୁ ସଚେତନ କରାଇଥିଲେ। କେ.ବାଲିପାଳ ପଞ୍ଚାୟତର ସରପଞ୍ଚ କୁନ୍ତଳା ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ, ବ୍ଲକ୍ ଅଧ୍ୟକ୍ଷା, ବ୍ଲକ୍ ଉପାଧ୍ୟକ୍ଷ, ସମିତିସଭ୍ୟା ଗୋଦାବରୀ ନାଏକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପିଇଓ ଅମିୟ କୁମାର ମାଝୀ, ସ୍ଥାନୀୟ ସମାଜସେବୀ ବିବେକାନନ୍ଦ ରାଉତ ପରିଚାଳନା କରିଥିଲା ବେଳେ ଗ୍ରାମର ଯୁବକମାନେ ଏଥିରେ ସହଯୋଗ କରିଥିଲେ। ସେହିପରି ଗେଡ଼ମା ପଞ୍ଚାୟତର ସରପଞ୍ଚ ଶିଳାରାଣୀ କାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଚେତନତା ଶିବିର କାର୍ଯ୍ୟକ୍ରମରେ ବିଡିଓ, ବ୍ଲକ୍ ଅଧ୍ୟକ୍ଷା, ଉପାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ଜିଆରଏସ୍, ଯୁବ ବିଜେଡି ନେତା ବାବୁଲା କାଣ୍ଡି, ପ୍ରମୁଖ ପରିଚାଳନା କରିଥିଲା ବେଳେ ଗ୍ରାମର ଯୁବକମାନେ ଏଥିରେ ସହଯୋଗ କରିଥିଲେ।



